# ବିଲୁପ୍ତ ଅବସ୍ଥାରେ ଗ୍ରାମୀଣ କୁଟୀର ଶିଳ୍ପ

## ଦୁର୍ଦ୍ଦିନରେ ବଡ଼ଚଣାର ବାଉଁଶ ତିଆରି କାରିଗର

**ବଡ଼ଚଣା,୧୫।୪(ଦିଲୀପ କୁମାର ମହାନ୍ତି):**

ଏବେ ବିଲୁପ୍ତ ଅବସ୍ଥାରେ ପହଞ୍ଚିଛି ଗ୍ରାମୀଣ କୁଟୀର ଶିଳ୍ପ। ଫଳରେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଭରତପୁର, ବାଲିଚନ୍ଦ୍ରପୁର ଓ ପତରାଜପୁର ଆଦି ୩ ଗ୍ରାମର ବାଉଁଶ ତିଆରି କାରିଗର। ଦିନଥିଲା ଗାଁ ହେଉ ଅବା ସହରରେ ବାଉଁଶ ତିଆରି ସାମଗ୍ରୀ ଯଥା; କୁଲା, ବାଇଁଶିଆ, ଖଇଚଲା, ଡାଲା, କୁଲେଇ, ପାଛିଆ, ଫୁଲ ଚାଙ୍ଗୁଡ଼ି ଓ ଗଉଣୀ ଏବଂ କୁଞ୍ଚା ଆଦିର ବେଶ ଚାହିଦାଥିଲା। କିନ୍ତୁ ଏବେର ବୈଷୟିକ ଯୁଗରେ ଇସ୍ପାତ, ଫାଇବର ଓ ପ୍ଲାଷ୍ଟିକ ତିଆରି ସାମଗ୍ରୀର ଚାହିଦା ବୃଦ୍ଧି ପାଉଥିବାରୁ ବାଉଁଶ ତିଆରି ସାମଗ୍ରୀର ଚାହିଦା ଧୀରେଧୀରେ ହ୍ରାସ ପାଇବାରେ ଲାଗିଛି। ଅଣବାଉଁଶ କଞ୍ଚାମାଲରୁ ପ୍ରସ୍ତୁତ ସାମଗ୍ରୀ ଗ୍ରାମାଞ୍ଚଳ ଗ୍ରାହକଙ୍କ ଢେର ପସନ୍ଦ ହେଉଛି। ଏଥିପାଇଁ ବାଉଁଶ ତିଆରି କାରିଗର ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି।

ଭରତପୁର ଗ୍ରାମରେ ୭୦ରୁ ଅଧିକ, ବାଲିଚନ୍ଦ୍ରପୁର ଓ ପତରାଜପୁର ଆଦି ୨ ଗ୍ରାମରେ ୫୦ରୁ ଅଧିକ ବାଉଁଶ ତିଆରି କାରିଗର ରହିଛନ୍ତି। ସେହିପରି ବନ୍ଧାଳ ପଞ୍ଚାୟତର ହାଟକରନ୍ଦା ଗ୍ରାମ ଓ ଚମ୍ପାପୁର ପଞ୍ଚାୟତରେ ୨ ପରିବାର ବାଉଁଶ କାରିଗରୀ କାମ କରି ଜୀବିକା ନିର୍ବାହ କରୁଛନ୍ତି। ଏସବୁ ପରିବାରର କୌଳିକ ବୃତ୍ତି ହେଉଛି ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରିବା। କାହିଁକେଉଁ କାଳରୁ ଏହି ସବୁ ପରିବାର ଏଠାରେ ରହି ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ପରେ ଏସବୁକୁ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଏବେ ଚାହିଦା କମିବାରୁ ପରିବାର ପ୍ରତି ପୋଷଣରେ ସମସ୍ୟା ଭୋଗୁଛୁ ବୋଲି ଭରତପୁର ଗ୍ରାମ ଦଳିତ ସାହିର ଦିଲୀପ ଜେନା କହିଛନ୍ତି। ଏହିସାହିର ପ୍ରତ୍ୟେକ ପରିବାର ବାଉଁଶ ସାମଗ୍ରୀ ତିଆରି କରିଥାନ୍ତି। ପୁରୁଷମାନେ ବାହାର ଅଞ୍ଚଳରୁ ବାଉଁଶ କ୍ରୟ କରି ପରେ ତାହାକୁ ଚିରି ପାତିଆ କଲାପରେ ମହିଳାମାନେ ଏଥିରେ ବିଭିନ୍ନ ସାମଗ୍ରୀ ତିଆରି କରିଥାନ୍ତି। ପରେ ପୁରୁଷମାନେ ଏହି ସାମଗ୍ରୀକୁ ନେଇ ପାରାଦୀପ, କେନ୍ଦ୍ରାପଡ଼ା, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ମାର୍ଶାଘାଇ ଓ ଜମ୍ମୁ ଆଦି ଅଞ୍ଚଳରେ ବିକ୍ରି କରନ୍ତି। ଏଥିସହିତ ବିଭିନ୍ନ ଯାନିଯାତ୍ରା ଓ ମହୋତ୍ସବରେ ଏହି ସାମଗ୍ରୀର ପସରା ମେଲାଇଥାନ୍ତି ବୋଲି ଏହି ସାହିର ମଣ୍ଟୁ ନାୟକ କହିଛନ୍ତି। ହେଲେ ଗତ କିଛି ବର୍ଷ ହେବ ଏହାର ଚାହିଦା କମିଯିବାରୁ ଏହି ସବୁ ପରିବାରର ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ହୋଇପଡୁଛି। ଏଭଳି ପରିସ୍ଥିତିରେ ଏହି ସବୁ ପରିବାରର ପିଲାମାନେ ବାଧ୍ୟ ହୋଇ ଦାଦନ ଖଟିବାକୁ ଯାଉଛନ୍ତି। ଏହି କୁଟୀର ଶିଳ୍ପର ପ୍ରୋତ୍ସାହନ ଦିଗ ପ୍ରତି ସରକାର ଆଖିବୁଜି ଦେଇଥିବାରୁ ଗ୍ରାମୀଣ କାରିଗରୀ ବିଦ୍ୟା ସମାଜରୁ ଲୋପ ପାଇଯିବ ବୋଲି ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ କୁଟୀର ଶିଳ୍ପ ପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।


ମହିଳାମାନେ ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି।

## ସଂକ୍ଷେପରେ

### ବୃଦ୍ଧାଶ୍ରମ, ଶିଶୁ ପରିଚର୍ଯ୍ୟା ଗୃହ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ବଡ଼ଚଣା,୧୫।୪(ଦିଲୀପ କୁମାର ମହାନ୍ତି): ପଣାସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ପାଳନ ଅବସରରେ ଚଣ୍ଡିଖୋଲସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଛତିଆସ୍ଥିତ ସେବକ ବୃଦ୍ଧାଶ୍ରମ ଓ ବୁଢ଼ାକେନ୍ଦୁଆ ସ୍ଥିତ ଶିଶୁ ପରିଚାର୍ଯ୍ୟା ଗୃହରେ ଥିବା ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସଂଘ ସଭାପତି ଅଜାମ୍ବର ସାହୁଙ୍କ ନେତୃତ୍ୱରେ ପ୍ରମୋଦ ନାୟକ, ପ୍ରଭାତ ରାଉତ, ଅଶୋକ ପରିଡ଼ା, ବୁନା ପରିଡା, ଲିଟୁ କରଣ, ମହେନ୍ଦ୍ର ଦାସ, ରଜନୀକାନ୍ତ କର, ପ୍ରମୋଦ ଦାସ, ବୁନା ବେହେରା ଓ ଅରୁଣ ମହାନ୍ତି ପ୍ରମୁଖ ଯୋଗଦେଇ ଅନ୍ତେବାସୀଙ୍କୁ ଚୁଡ଼ାଚାଉଳ, ଅଟାଆଳୁ, ପିଆଜ, ବିସ୍କୁଟ, ଫଳ ସହିତ ନିତ୍ୟ ବ୍ୟବହୃତ ସାମଗ୍ରୀ ବଣ୍ଟନ କରିଥିଲେ।

### ଅନନ୍ତ ସ୍ମୃତି ପାଠାଗାର ପକ୍ଷରୁ ଆମ୍ବେଡକର ଜୟନ୍ତୀ

ଦଶରଥପୁର,୧୫।୪(ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରସ୍ଥିତ କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାବିତ ବିଜୟକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାହିତ୍ୟିକ ପ୍ରଫୁଲ୍ଲ ନାୟକ, ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ ଓ ଶିକ୍ଷାବିତ ନିରଞ୍ଜନ ବିଶ୍ୱାଳ ଯୋଗଦେଇ ଭାରତର ସମ୍ବିଧାନ ଗଠନ ଦିଗରେ ଆମ୍ବେଡକରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅକ୍ଷୟ ମଲ୍ଲିକ, ସନାତନ ନାୟକ, ଶୁଭେନ୍ଦୁ ମହାପାତ୍ର, ନିର୍ମଳ ପତି, କାର୍ତ୍ତିକ ଜେନା, କରୁଣାକର ବିଶ୍ୱାଳ, ପ୍ରସନ୍ନ ରାୟ, କାଶୀନାଥ ଦାସ, ଆନନ୍ଦ ଚନ୍ଦ୍ର ଦାସ, ବିପିନ ବିହାରୀ ସେନାପତି, ସୁବାସ ଚନ୍ଦ୍ର ବିଶ୍ୱାଳ, ଅଭିରାମ ଧଳ, ରବୀନ୍ଦ୍ରନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ପାଠାଗାର ସମ୍ପାଦକ ଶଶିକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହାବିଷୁବ ସଂକ୍ରାନ୍ତିକୁ ପଣା ଦିବସ ଘୋଷଣା ପାଇଁ ପ୍ରସ୍ତାବ



ଧର୍ମଶାଳା,୧୫।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ହାଇସ୍କୁଲ ପ୍ରାଙ୍ଗଣରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ରାଷ୍ଟ୍ରଦୀପ ପାଠକ ସମିତି ଆନୁକୂଲ୍ୟରେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ 'ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସନ୍ତୋଷ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତାଭାବେ ମହେଶ୍ୱର ପାଢ଼ୀ, ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ସନ୍ତୋଷ ମହାପାତ୍ର ଓ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର ଏବଂ ସାମାଜିକକର୍ମୀ କାହ୍ନୁଚରଣ ଦାଶ ଯୋଗଦେଇ ଓଡ଼ିଆ ପରମ୍ପରାରେ ମହାବିଷୁବ ସଂକ୍ରାନ୍ତିର ଗୁରୁତ୍ୱ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ଶିକ୍ଷକ ନୃସିଂହ ଚରଣ ସାହୁ ଓ ସରୋଜିନୀ ପଣ୍ଡା ବେଦପାଠ କରିଥିଲେ। ସମିତି ଆବାହକ ଈଶ୍ୱର ଚନ୍ଦ୍ର ପ୍ରଧାନ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ ଅଜୟ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୁରେନ୍ଦ୍ର ତ୍ରିପାଠୀ, ନିରୋଜ ମହାନ୍ତି, ପଣ୍ଡିତ ବ୍ରଜକିଶୋର ଦାଶ, ପର୍ଶୁକାନ୍ତ ଜେନା, ବେଣୁଧର ନାୟକ, ସତ୍ୟାନନ୍ଦ ପ୍ରଧାନ, ସଂଗ୍ରାମ କେଶରୀ ଜେନା, କୃଷକ ନେତା ବସନ୍ତ ପରିଡ଼ା, ଶିକ୍ଷାବିତ୍ ଜୟନ୍ତ ସାହୁ, ଜିତେନ୍ଦ୍ର ଦାଶ, ନବକିଶୋର କବି, ଶରତ ଚନ୍ଦ୍ର ସ୍ୱାଇଁ ଓ ଅଶୋକ ନନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଉକ୍ତ ଦିବସକୁ ରାଜ୍ୟ ସରକାର ପଣା ଦିବସ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ରଖିଥିଲେ। ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

# 'ପୁସ୍ତକ ସମାଜର ଅମୂଲ୍ୟ ସମ୍ପତ୍ତି'

## ହେ ବିଧାତା ପୁସ୍ତକ ଲୋକାର୍ପିତ

**ବିଞ୍ଝାରପୁର,୧୫।୪(ରାମକୃଷ୍ଣ ଦାସ):**

ପୁସ୍ତକ ସମାଜର ଅମୂଲ୍ୟ ସମ୍ପତ୍ତି। ଏହା ହିଁ ସମାଜରୁ ଅନ୍ଧକାର ଦୂରିଭୂତ କରିପାରିବ। ବିଞ୍ଝାରପୁର ଅଞ୍ଚଳର ଜଣାଶୁଣା ବ୍ୟକ୍ତି ଜଗନ୍ନାଥ ଧଳଙ୍କ ସ୍ୱରଚିତ ପୁସ୍ତକ 'ହେ ବିଧାତା'ର ଲୋକାର୍ପଣ ଉତ୍ସବରେ ମୁଖ୍ୟବକ୍ତାଭାବେ ସାହିତ୍ୟିକ ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ଏକଥା କହିଛନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁହାଳିସ୍ଥିତ ଏଜିଆର୍ ଉଚ୍ଚ ବିଦ୍ୟାଳୟ ପରିସରରେ ଧନେଶ୍ୱର ନାୟକଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ପଣ୍ଡିତ ଭୂପତିଭୂଷଣ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଦାମୋଦର ବେହେରା, ଦିଲୀପ ରାଉତ, ବରିଷ୍ଠ ସାମାଜିକ କର୍ମୀ ଚନ୍ଦ୍ରଶେଖର ଧଳ ପ୍ରମୁଖ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ପୁସ୍ତକର ମହତ୍ତ୍ୱ ଓ ଜୀବନଶୈଳୀ ଉପରେ କିଭଳି ପ୍ରଭାବ ପକାଏ ତାହା ଆଲୋକପାତ କରିବା ସହ ପୁସ୍ତକ ହିଁ ମନୁଷ୍ୟ ପ୍ରକୃତ ମିତ୍ର ବୋଲି କହିଥିଲେ। ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫ୍ରିଡମ କମ୍ପାନୀର ଓଡ଼ିଶା ମୁଖ୍ୟ ଅମିୟ ଧଳ ଅତିଥିପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ ମୁକୁନ୍ଦ ଚନ୍ଦ୍ର ଧଳ ଧନ୍ୟବାଦ ଦେଇଥିଲେ।



ଅତିଥି 'ହେ ବିଧାତା' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ


ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ଯାଜପୁରଟାଉନ,୧୫।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ସହରସ୍ଥିତ ଗରିଆପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯାଜପୁର ବ୍ଲକର ବରିଷ୍ଠ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା ଏବଂ ମୁଖ୍ୟବକ୍ତାଭାବେ ଶିକ୍ଷାବିତ ଅକ୍ଷୟ ପଣ୍ଡା, ସମ୍ମାନିତ ବକ୍ତାଭାବେ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକ, ସମ୍ମାନିତ ଅତିଥିଭାବେ ଯାଜପୁର ବ୍ଲକର ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବରଦା ଭୂଷଣ ମହାପାତ୍ର, ପ୍ରାକ୍ତନ ଶିକ୍ଷକ ବିଜୟାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଇଦୁଜ ଜମାନ, ପଞ୍ଚଶଖା ଶିକ୍ଷା ସେତୁର ଅଧ୍ୟକ୍ଷ ଅରସଦଜ ଜମାନ, ବିଡି କ୍ଲଷ୍ଟରର ସିଆର୍‌ସିସି ସରଫୁଜ ଜମାନ, ମ୍ୟୁନିସପାଲ ହାଇସ୍କୁଲ କ୍ଲଷ୍ଟରର ସିଆରସିସି ତିମିର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଶିକ୍ଷା ଏବଂ କ୍ରୀଡ଼ାର ଆବଶ୍ୟକ ଓ ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ର ଏବଂ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ସୁମିତ୍ରା ରାଉଳଙ୍କ ସହଯୋଗରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ରୀନା ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବରେ ପରିଚାଳନା କମିଟି ସଭ୍ୟାସଭ୍ୟ, ଅଭିଭାବକ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶିକ୍ଷକ ସଫିଉର ରେହେମାନ ଖାଁ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବିଞ୍ଝାରପୁର,୧୫।୪(ରାମକୃଷ୍ଣ ଦାସ):**

ଶୌଚହେବାକୁ ଯାଇଥିବା ଜଣେ ବୃଦ୍ଧଙ୍କ ବୁଧବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ସମଲପୁର ଗ୍ରାମର ନୃସିହ ବେହେରା(୭୦)। ବୁଧବାର ଅପରାହ୍ନରୁ ସେ ନିଖୋଜଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ନିକଟ ପୋଖରୀ ତୁଠରେ ନୃସିଂହଙ୍କ ଚପଲ ଥିବା ଦେଖିବାକୁ ପାଇଥିଲେ। ତେଣୁ ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ସେମାନେ ପୋଖରୀରେ ପଶି ଖୋଜାଖୋଜି କରିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ନୃସିଂହଙ୍କୁ ମୃତ ଘୋଷଣା କରିଥିଲେ। ନୃସିଂହଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଞ୍ଝାରପୁର ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନୃସିଂହଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଣା ବଣ୍ଟନ

**ସିଂହପୁର,୧୫।୪ (ଅନଙ୍ଗ ଉଦୟ ବେଉରିଆ):**

ସିଂହପୁର ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ପଣାସଙ୍କ୍ରାନ୍ତି ଅବସରରେ ସିଂହପୁର ବଜାରରେ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଛି। ମଞ୍ଚ ସମ୍ପାଦକ ସୁଶାନ୍ତ ନାୟକ, ସଭାପତି ପଦ୍ମନାଭ ଦାଶ, ଖବରଦାତା ଅନିରୁଦ୍ଧ ବେଉରିଆ, ବରିଷ୍ଠ ନାଗରିକ ମଞ୍ଚ ସଭ୍ୟ ନିତ୍ୟାନନ୍ଦ ସାମଲ, କଳାକାର ପାତ୍ର, ନିରଞ୍ଜନ ଦାସ, ଚନ୍ଦ୍ରଶେଖର ନାୟକ, ମେଘନାଦ ମହାଳିକ, ଅର୍ଜୁନ ଦାଶ, ଅକ୍ଷୟ ସାମଲ, ଘନଶ୍ୟାମ ଦାସ, ରାମଚନ୍ଦ୍ର ମହାକୁଡ଼ ଓ ଜ୍ଞାନେନ୍ଦ୍ର ବେଉରିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କୁବେର ସମାଜ ପକ୍ଷରୁ ଜଳଛତ୍ର


ଜଳଛତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

**ବ୍ୟାସନଗର,୧୫।୪(ପବିତ୍ର ରଞ୍ଜନ ମହାନ୍ତି):**

ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଯାଜପୁରରୋଡ୍ କୁବେର ସମାଜ ପକ୍ଷରୁ ସ୍ଥାନୀୟ ଷ୍ଟେଶନ ବଜାରଠାରେ ମଙ୍ଗଳବାର ଏକ ଜଳଛତ୍ର ଶୁଭାରମ୍ଭ ହୋଇଛି। ଏହି ଜଳଛତ୍ରକୁ ଯାଜପୁରରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ୟାସନଗର ଅତିରିକ୍ତ ତହସିଲର ପ୍ରଶାନ୍ତ କୁମାର ପୁହାଣ ଯୋଗଦେଇଥିଲେ। ଅତିଥିମାନେ ବାଟୋଇଙ୍କୁ ଥଣ୍ଡା ପାନୀୟ ଜଳ ସହ ଘୋଳଦହି ଲସି ସର୍ବତ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ କୁବେର ସମାଜ ସଭାପତି ହୃଷୀକେଶ ସାହୁ ପରିଚାଳନା କରିଥିଲେ। ପ୍ରଭାତ ସାହୁ, ଦିନେଶ ସାହୁ, ଘନଶ୍ୟାମ ସାହୁ, ଅଶୋକ ସାହୁ, ସନାତନ ସାହୁ, ରଘୁନାଥ ସାହୁ, ପୂର୍ଣ୍ଣ ସାହୁ, ଦୁଃଶାସନ ସାହୁ, ରବିନ ସାହୁ, ନରେନ୍ଦ୍ର ଖୁଣ୍ଟିଆ ଓ ବାବୁଲି ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଜଳଛତ୍ର ଗ୍ରୀଷ୍ମ ପ୍ରବାହ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



## ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ପଣା ବଣ୍ଟନ

ଚଣ୍ଡିଖୋଲ,୧୫।୪(ପ୍ରଦୀପ୍ତ କୁମାର ପୃଷ୍ଟି): ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ପଣାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ପ୍ରଭାସ ଦାଶ, ଅନିରୁଦ୍ଧ ସାହୁ, ଭାବଗ୍ରାହୀ ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ସେଠୀ, ରବୀନ୍ଦ୍ର ସାହୁ, ପର୍ଶୁରାମ ପରମାଣିକ, ଗୋବିନ୍ଦ ବିଶ୍ୱାଳ, ତପନ ସିଂହ, କବି ଭକ୍ତଚରଣ ସାହୁ, ଖବରଦାତା ପ୍ରଫୁଲ୍ଲ ପଣ୍ଡା, ଏକାଦଶୀ ସେଠୀ, ଉତ୍କଳ କେଶରୀ ସାମଲ, ଆଲୋକ ପ୍ରଧାନ ଓ ଗୁରୁଚରଣ ସାହୁ ପ୍ରମୁଖ ଯୋଗଦେଇ ପଥିକଙ୍କୁ ପଣା ବଣ୍ଟନ କରିଥିଲେ।

## ଉଦୟଭାନୁ ସାହିତ୍ୟ ସଂସଦ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଷୁବମିଳନ

**ସିଂହପୁର,୧୫।୪ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମା' ବରୁଣେଇ ମନ୍ଦିର ପ୍ରାଙ୍ଗଣରେ ରାହାସ ଗୁହାଳି ଗ୍ରାମ ଉଦୟଭାନୁ ସାହିତ୍ୟ ସଂସଦ ଓ ବରୁଣେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଷୁବ ମିଳନ ଏବଂ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଶିକ୍ଷାବିତ ବଟକୃଷ୍ଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବ୍ରଜସୁନ୍ଦର ସାମଲ, ଶ୍ରୀଧର ସାହୁ, ନିରଞ୍ଜନ ବେହେରା, ରବି ନାରାୟଣ ସାମଲ, ପଦ୍ମାକର ଗୁରୁ, ଦୀନବନ୍ଧୁ ସାମଲ, ପ୍ରାଧ୍ୟାପକ ଦେବପ୍ରସାଦ ସାମଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଉପରେ ଆଲୋଚନା କରିଥିଲେ। ନିରଞ୍ଜନ ପାତ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସରୋଜ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବନମାଳି ପତି, ଅକ୍ଷୟ ସେଠୀ, ବିଜୟ ଜେନା, ଭାରତ ଭୂଷଣ ମଲ୍ଲିକ, ଅର୍ଜୁନ ଦାଶ, ଶରତଚନ୍ଦ୍ର ପରିଡ଼ା ଓ ସନ୍ତୋଷ ବେଉରିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ରାମଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ଆମ୍ବେଡକର କୁଟୀର ଲୋକାର୍ପିତ



ଆମ୍ବେଡକର ଜୟନ୍ତୀ ଅବସରରେ ଅନୁଷ୍ଠିତ ଆମ୍ବେଡକର କୁଟୀର ଲୋକାର୍ପଣ ଉତ୍ସବରେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅତିଥି।

**ଚଣ୍ଡିଖୋଲ/ବଡ଼ଚଣା,୧୫।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ନିର୍ବାଚନମଣ୍ଡଳୀରେ ପ୍ରଥମ କରି ୪୩ ପଞ୍ଚାୟତରେ ଥିବା ଅନୁସୂଚିତ ଜାତି ଲୋକଙ୍କ ଉନ୍ନତି ପରିକଳ୍ପେ ପ୍ରତ୍ୟେକ ସ୍ଥାନରେ ନିର୍ମାଣ ହୋଇଛି ଆମ୍ବେଡକର କୁଟୀର। ବଡ଼ଚଣା ବିଧାୟକ ଅମର ନାୟକଙ୍କ ଏହା ଯୁଗାନ୍ତକାରୀ ପଦକ୍ଷେପ। ବିଧାୟକଙ୍କ ନିଜସ୍ୱ ହାତପାଣ୍ଠି ଓ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିର ସହାୟତା ଏବଂ ଅନ୍ୟ ପାଣ୍ଠିରୁ ଅର୍ଥ ବ୍ୟୟବରାଦ କରାଯାଇ ମୋଟ ୪୩ ପଞ୍ଚାୟତରେ ୪୯ ଅନୁସୂଚିତ ଜାତି ସାହି ଓ ବସ୍ତିରେ ନିର୍ମାଣ ହେବ ଆମ୍ବେଡକର କୁଟୀର। ଏହା ଅନୁସୂଚିତ ବର୍ଗଙ୍କ ସେବାରେ ସମର୍ପିତ ରହିବ। କୁଟୀରରେ ଏକ ପକ୍କା ଘର ସାଙ୍ଗକୁ ଏକ ସେଡ, ପାନୀୟ ଜଳର ବ୍ୟବସ୍ଥା ସୋଲାର ଲାଇଟ ଏବଂ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ରହିବ କୁଟୀର ସମ୍ମୁଖରେ। ପରିମଳ ବ୍ୟବସ୍ଥା ଓ ରୋଷଘର ନିର୍ମାଣ ହେବ। ବଡ଼ଚଣାରେ ପାଖାପାଖି ୧୩ରୁ ଅଧିକ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ଶେଷ ହୋଇଥିବାବେଳେ ନିର୍ମାଣାଧୀନ ଅବସ୍ଥାରେ ରହିଛି ୩୦ରୁ ଅଧିକ ଘର। ଏହା ମାତ୍ର ଅଳ୍ପ କିଛି ମାସ ଭିତରେ ପୂର୍ଣ୍ଣାଙ୍ଗ ହେବ ବୋଲି ମଙ୍ଗଳବାର ଏହାର ଲୋକାର୍ପଣ କରି ବିଧାୟକ ସୂଚନା ଦେଇଛନ୍ତି।

ଭାରତରତ୍ନ ତଥା ସମାଜ ସଂସ୍କାରକ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀରେ ଏହି କାର୍ଯ୍ୟକ୍ରମ ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଥିଲା। ଯାଜପୁର ଜିଲା ଭାଜପା ଉପସଭାପତି ପ୍ରମୋଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ବିଧାୟକଙ୍କ ସହ ରାଜ୍ୟ ପରିଷଦ ସଭ୍ୟ ନାରାୟଣ ସାମଲ, ଜିଲା କିଷାନ ମୋର୍ଚ୍ଚା ସଭାପତି ସୀତାନାଥ ବଳସାମନ୍ତ, ସମ୍ପାଦକ ବିକାଶ ମହାପାତ୍ର, ମଣ୍ଡଳ ସଭାପତି ମାନସ ରଞ୍ଜନ ରାଉତରାୟ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସମ୍ବିତ ଯେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ସରପଞ୍ଚ ସାଗରିକା ବିହାରୀ ଓ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏଥିସହିତ ବିଧାୟକଙ୍କ ଉଦ୍ୟମରେ ନିର୍ମିତ ଆମ୍ବେଡକର କୁଟୀର ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ସମଗ୍ର ରାଜ୍ୟରେ ପ୍ରେରଣାର ଉତ୍ସ ହେବ ବୋଲି ମତବ୍ୟକ୍ତ କରିଥିଲେ। ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କେତେକ ବିଦ୍ୟାଳୟରେ ତାଲା ଝୁଲିବା ସମ୍ଭାବନା

## ଏପ୍ରିଲ ୧୬ରୁ ୧୮ ଗୃହ ଗଣନା କାର୍ଯ୍ୟାରମ୍ଭ

### ଗଣନାକାରୀ, ସୁପରଭାଇଜରଙ୍କୁ କାର୍ଯ୍ୟରେ କୋହଳ ପାଇଁ ପତ୍ର

ନାଉଗାଁ, ୧୫।୪ (ସୁଧା ବେହୁରା)

ନାଉଗାଁ ବ୍ଲକରେ ଏପ୍ରିଲ ୧୬ରୁ ୧୮ ପର୍ଯ୍ୟନ୍ତ ଗୃହଗଣନା କାର୍ଯ୍ୟ ଆରମ୍ଭ ହେବ। ଏହି ଗଣନାକାର୍ଯ୍ୟ କରିବା ପାଇଁ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସୁପରଭାଇଜର ଓ ଗଣନାକାରୀ ଭାବେ ନିୟୋଜିତ କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀଙ୍କ ପତ୍ରସଂଖ୍ୟା-୩୦୩୧/୧୫।୪।୨୬ ନିର୍ଦ୍ଦେଶାନୁସାରେ ଯେଉଁ ଶିକ୍ଷୟିତ୍ରୀଶିକ୍ଷକ ସୁପରଭାଇଜର ଓ ଗଣନାକାରୀ ଭାବେ ନିୟୋଜିତ ଅଛନ୍ତି ବିଦ୍ୟାଳୟ କାର୍ଯ୍ୟରେ ତାଙ୍କୁ କୋହଳ କରିବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବ୍ଲକରେ କେତେଗୋଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୨ ଶିକ୍ଷକ ଥିବା ବେଳେ ସେହି ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି। ଯଦି ଉକ୍ତ ବିଦ୍ୟାଳୟର ୨ ଶିକ୍ଷକ ଜନଗଣନା କାର୍ଯ୍ୟରେ ଯାଉଛନ୍ତି ତେବେ ବିଦ୍ୟାଳୟରେ ତାଲା ପଡ଼ିବା ନେଇ ସମ୍ଭାବନା ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ ଭାତପଡ଼ା ପ୍ରାଥମିକ ବିଦ୍ୟାଳୟ, କୁଣ୍ଡିଗାଁ ପ୍ରାଥମିକ ବିଦ୍ୟାଳୟ, ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟ, ତୋଟାପାଟଣା ପ୍ରାଥମିକ ବିଦ୍ୟାଳୟ, ପୋକାମୂଳ ପ୍ରାଥମିକ ବିଦ୍ୟାଳୟ, ଗୋବରୀକୂଳ ପ୍ରାଥମିକ ବିଦ୍ୟାଳୟ, ଅଲଣା-୨ ପ୍ରାଥମିକ ବିଦ୍ୟାଳୟ ଆଦି ରହିଛି। ଏହିସବୁ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୨ଜଣ ଶିକ୍ଷକ ରହିଛନ୍ତି। ଅନ୍ୟପକ୍ଷରେ ଶୁଦ୍ଧକଣ୍ଟି ପ୍ରାଥମିକ ବିଦ୍ୟାଳୟ, ନାରସୀମା ପ୍ରାଥମିକ ବିଦ୍ୟାଳୟ, ଗନ୍ଧଣ, ତେଲଘଡ଼ି, ଶୁଆକଣ, ମଠସାହି, ଅରଖପାରୀ, ଶିଖରଘାଟ ପ୍ରାଥମିକ ବିଦ୍ୟାଳୟ, ଛତିଆନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦିରେ ଶିକ୍ଷକ ଥିବା ବେଳେ କୌଣସି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇନାହିଁ। ଅନେକ ବିଦ୍ୟାଳୟରେ ଅଧିକ ସଂଖ୍ୟକ ଶିକ୍ଷକ ଥିଲେ ମଧ୍ୟ କେବଳ ଜଣେ ୨ଜଣଙ୍କୁ ନିୟୋଜିତ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି, ଯେଉଁ ବିଦ୍ୟାଳୟରେ କେବଳ ୨ଜଣ ଶିକ୍ଷକ ଅଛନ୍ତି ସେମାନଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିବାବେଳେ କାହା ସ୍ୱାର୍ଥରେ ଅନେକ ବିଦ୍ୟାଳୟରେ ଅଧିକ ଶିକ୍ଷକ ଥିଲେ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରାଯାଇନାହିଁ, ଯାହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କେଶବ ମେହେରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ଦିଲୀପ କୁମାର ବଡ଼ପଣ୍ଡାଙ୍କୁ ପଚାରିବାରୁ ଶିକ୍ଷକମାନଙ୍କୁ ଗୃହଗଣନା ପାଇଁ ବିଦ୍ୟାଳୟ କାର୍ଯ୍ୟରେ କୋହଳ କରାଯିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ଆସିଛି। ଯଦି ଯେଉଁ ବିଦ୍ୟାଳୟରେ ୨ ଶିକ୍ଷକ ମଧ୍ୟରୁ ୨ ଜଣ ଜନଗଣନାରେ ନିୟୋଜିତ ଅଛନ୍ତି ତେବେ ସେହି ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଆର୍‌ସିସି ଓ ବିଇଓଙ୍କୁ ଠିକରି ଜଣାଇବେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାରଙ୍କୁ ପଚାରିବାରୁ ସିଆର୍‌ସିସି ଓ ବିଇଓ ତାଲିକା ଅନୁସାରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ଜନଗଣନା ଏକ ଜାତୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଏହା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଛନ୍ତି।

# ଇଫ୍‌କୋ ଡିଏଭିର ପ୍ରଥମ ହେଲେ ବିଶ୍ୱରୂପା

ପାରାଦୀପ, ୧୫।୪ (ଶରତ ରାଉତ)



ଛାତ୍ରୀ ବିଶ୍ୱରୂପା, ଛାତ୍ର ଆଦର୍ଶ

ପାରାଦୀପ ଇଫ୍‌କୋ ଡିଏଭି ସ୍କୁଲର ସିବିଏସ୍‌ଇ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଛାତ୍ରୀ ବିଶ୍ୱରୂପା ନନ୍ଦ ୯୯.୬୦ % ରଖି ପ୍ରଥମ ସ୍ଥାନ ପାଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଆଦର୍ଶ କୁମାର ସିଂହ ୯୮.୮୦%, ତୃତୀୟ ସ୍ଥାନରେ ଯୁଗ୍ମ ଅଭିଲିପ୍ସା ପଲାଇ ଓ ଦିବ୍ୟାଂଶ ପାଢ଼ୀ ୯୭.୮୦% ରଖିଛନ୍ତି।

# ଡିପିଏସ୍‌ର ଶତପ୍ରତିଶତ ସଫଳତା: ସାନଭି ଜିଲା ଟପ୍ପର

ପାରାଦୀପ, ୧୫।୪
(ଶରତ ରାଉତ)



ସାନଭି ପାଢ଼ୀ, ଗୌରୀ ଶ୍ରୀବାସ୍ତବ, ଏସ୍. ତନୁଶ୍ରୀ।

ପାରାଦୀପ ତୈଳ ବିଶୋଧନାଗାର ପରିସରରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ସିବିଏସଇ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ସାନଭି ପାଢ଼ୀ ୯୯.୦୬% ରଖି ଜଗତ୍‌ସିଂହପୁର ଜିଲା ଟପ୍ପର ହୋଇଛନ୍ତି। ଗୌରୀ ଶ୍ରୀବାସ୍ତବ ୯୯.୦୨%, ଏସ୍. ତନୁଶ୍ରୀ ୯୯%, ଆଶାରାଣୀ ଓ ଇରା ଗୁରୁମଣି ଉଭୟ ୯୮.୦୮%, ଆରୁଶୀ ଆଚାର୍ଯ୍ୟ ୯୮.୦୬, ଆରୁଶୀ ଭୋଇ ୯୮% ରଖିଛନ୍ତି। ସମୁଦାୟ ୯୫%ରୁ ଅଧିକ ୩୫ ଜଣ ଓ ୯୦%ରୁ ଅଧିକ ୫୧ ଜଣ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି ବୋଲି ସ୍କୁଲ ପକ୍ଷରୁ ସୂଚନା ମିଳିଛି।

# କଂଗ୍ରେସ ପକ୍ଷରୁ ନିଶା ନିବାରଣ ସଚେତନତା ଶୋଭାଯାତ୍ରା

ନାଉଗାଁ, ୧୫।୪(ସୁଧା ବେହୁରା)

ସମାଜରୁ ନିଶା ଦୂରୀକରଣ ଓ ଯୁବପିଢ଼ିଙ୍କୁ ଠିକ ପଥରେ ଆଣିବା ଲକ୍ଷ୍ୟରେ ପ୍ରଦେଶ କଂଗ୍ରେସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ଅନୁଷ୍ଠିତ ହେଉଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ଓଡ଼ିଶା ଅନୁସୂଚିତ ଜାତି କଂଗ୍ରେସର ଅଧ୍ୟକ୍ଷ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଏହା ଗତିଶୀଳ ଭାବେ ଚାଲିଛି। ଶୋଭାଯାତ୍ରା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପୁରୀ ଜିଲାର ସୁଆଣ୍ଡୋଠାରୁ ଆରମ୍ଭ ହୋଇ ସମଗ୍ର ଓଡ଼ିଶାର ୩୫ଟି ସାଙ୍ଗଠନିକ ଜିଲା ଗସ୍ତ କରୁଛି। ପଥେ ପଥେ ସାଧାରଣଲୋକଙ୍କୁ ନିଶାର କୁପ୍ରଭାବ ବିଷୟରେ ସଚେତନ କରାଯାଉଛି। ସମାଜକୁ ନିଶାମୁକ୍ତ କରିବାକୁ ସାମୂହିକ ସଂକଳ୍ପ ଗ୍ରହଣ କରାଯାଉଛି। ଏହି ଅଭିଯାନ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାଉଗାଁ ବ୍ଲକର ନାଉଗାଁ ହାଟରେ ପହଞ୍ଚିବା ସମୟରେ ସ୍ଥାନୀୟ ବ୍ଲକ କଂଗ୍ରେସ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ନେତାମାନେ କହିଥିଲେ, ନିଶା ସମାଜ ପାଇଁ ଏକ ଭୟାବହ ସମସ୍ୟା ହୋଇଛି। ଏହା ପରିବାରକୁ ଧ୍ୱଂସ କରିବା ସହିତ ଯୁବପିଢ଼ିଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରୁଛି। ସେହିପରି ସମସ୍ତଙ୍କୁ ଏହାର ବିରୋଧରେ ଏକତ୍ରିତ ହୋଇ ସମାଜକୁ ସୁସ୍ଥ ଓ ସୁନ୍ଦର କରିବାକୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ଜିଲା ଅନୁସୂଚିତ ସେଲ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ବ୍ଲକ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ଜିଲା ଉପସଭାପତି ସୁବ୍ରତ ରାୟ, ସମ୍ପାଦକ ପ୍ରହ୍ଲାଦ ବିଶ୍ୱାଳ, ଯୁବ କଂଗ୍ରେସ ନେତା କୁମାର ପ୍ରିତମ ପରିଜାଙ୍କ ସହ ବହୁ କଂଗ୍ରେସ କର୍ମୀ ଓ ନେତାମାନେ ଉପସ୍ଥିତ ଥିଲେ।



ଶୋଭାଯାତ୍ରୀ ଦଳକୁ କଂଗ୍ରେସ ପକ୍ଷରୁ ନାଉଗାଁରେ ସ୍ୱାଗତ କରାଯାଉଛି।

# ରାସ୍ତାରେ ଜମିଛି ନର୍ଦ୍ଦମାପାଣି: ଆରଡି କାର୍ଯ୍ୟାଳୟ ଘେରାଉ



ଆର୍‌ଡି କାର୍ଯ୍ୟାଳୟକୁ ସିହା ଗ୍ରାମବାସୀ ଘେରାଉ କରିଛନ୍ତି।

## ଅସୁବିଧାରେ ୬୦ ଗ୍ରାମବାସୀ

ଏରସମା, ୧୫।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟଠାରୁ ନାରଦିଆ ପଞ୍ଚାୟତକୁ ସଂଯୋଗ କରିଥିବା ଆର୍‌ଡି (ଗ୍ରାମ୍ୟ ଉନ୍ନୟନ ବିଭାଗ) ରାସ୍ତାର ରାୟତସାହି ଗାଁ ମୁଣ୍ଡରେ ୬ ମାସ ହେଲା ନର୍ଦ୍ଦମା ପାଣି ଜମି ରହିଛି। ଏହା ବିରୋଧରେ ସିହା ଗ୍ରାମବାସୀ ବୁଧବାର ଆର୍‌ଡି କାର୍ଯ୍ୟାଳୟ ଘେରାଉ କରିଥିଲେ। ଫଳରେ ଏହି ରାସ୍ତା ଉପରେ ଯାତାୟାତ ପାଇଁ ନିର୍ଭର କରୁଥିବା ୬୦ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

ଏହି ଆର୍‌ଡି ରାସ୍ତା ପୋଖରିଆପଡ଼ା, ନାରଦିଆ, ଜାନକାଦେଇପୁର, ଗୋଡା, ଗଡ଼ବିଶୁନିପୁର, ଗଡ଼ହରିଶପୁର ପ୍ରଭୃତି ପଞ୍ଚାୟତର ୬୦ ଗ୍ରାମକୁ ସଂଯୋଗ କରିଛି। ପ୍ରତିଦିନ ସାହସ୍ରାଧିକ ଲୋକ ଏରସମାସ୍ଥିତ ବ୍ଲକ, ତହସିଲ, ମେଡିକାଲ, ଥାନା ପ୍ରଭୃତି କାର୍ଯ୍ୟାଳୟକୁ ଆସିଥାନ୍ତି। ଏଥିସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଶତାଧିକ ଛାତ୍ରୀଛାତ୍ର ଏହି ରାସ୍ତାରେ ଯାତାୟାତ କରନ୍ତି। ବର୍ଷାଋତୁରେ ଉଦ୍‌ବୃତ୍ତ ବର୍ଷାଜଳର ନିଷ୍କାସନ ପାଇଁ ଏହି ରାସ୍ତାରେ ଦେଉଳି ଗ୍ରାମଠାରୁ ଉଚ୍ଚବାଲି ପୋଖରୀ ପର୍ଯ୍ୟନ୍ତ ୩ ଫୁଟ ପ୍ରସ୍ଥ ବିଶିଷ୍ଟ ଡ୍ରେନ ନିର୍ମାଣ କରାଯାଇଛି। ମାତ୍ର ପରିତାପର ବିଷୟ, କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସେମାନଙ୍କ ପାଇଖାନା ପାଣି ଛାଡୁଥିବାରୁ ତାହା ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ସେଠାରେ ପାଣି ପଚି ଦୁର୍ଗନ୍ଧ ହେବା ସହିତ ମଶା ଓ ମାଛିଙ୍କ ଆଶ୍ରୟସ୍ଥଳ ପାଲଟିଛି। ଏହାର ସ୍ଥାୟୀ ସମାଧାନ ପାଇଁ ସିହା ଗ୍ରାମ୍ୟ କମିଟି ସଭାପତି ଆଶିଷ କୁମାର ସ୍ୱାଇଁ, ଏସ୍‌ଭିଏମ୍ କ୍ଲବର ସଭାପତି ରଞ୍ଜନ ଜେନା, ଯୁବନେତା ଚନ୍ଦନ ମଲ୍ଲିକ, ମହିମା ସ୍ୱାଇଁ, ଅଜେନ୍ଦ୍ର ସ୍ୱାଇଁ, ନିକୁଞ୍ଜ କିଶୋର ସ୍ୱାଇଁ, ଅଭିଜିତ ଦାସ, ସିଲୁ ମହାରଣା, ମିଟୁନା ସାହୁ, ବୁଲୁ ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ଏରସମା ବିଡିଓ ଦାଶରଥି ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ଆର୍‌ଡି ବିଭାଗ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପରିଡ଼ାଙ୍କ ଅନୁପସ୍ଥିତରେ ଫୋନ ଯୋଗେ ଅଭିଯୋଗ କରିଥିଲେ। ୨ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ନିବୃତ ହୋଇଥିଲେ।

# ପିପିଏଲ୍ ଡିଏଭି ସ୍କୁଲର ଛାତ୍ରୀ ଶୁଭଶ୍ରୀ ୯୮.୨୦% ନମ୍ବର ରଖି ପ୍ରଥମ

## ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶିତ

ପାରାଦୀପ ୧୫।୪(ଶରତ ରାଉତ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ଆୟୋଜିତ ୧୦ମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଡିଏଭି ପିପିଏଲ୍‌ର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଶୁଭଶ୍ରୀ ଅପରାଜିତା ଜେନା ୯୮.୨୦ ପ୍ରତିଶତ ନମ୍ବର ରଖି ପ୍ରଥମ, ଦ୍ୱିତୀକୃଷ୍ଣ ସାହୁ ୯୭.୮ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ଅଭିପ୍ସା ମହାପାତ୍ର ୯୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ୩ୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୧୨ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ପିପିଏଲ୍ ପାରାଦୀପର ମୁଖ୍ୟ ପାଳାନି ସାମି ଭେଲୁସାମି, ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ପ୍ରମୁଖ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଶୁଭଶ୍ରୀ ଅପରାଜିତା ଜେନା | ଦ୍ୱିତୀ କ୍ରିଷ୍ଣା ସାହୁ | ଅଭିପ୍ସା ମହାପାତ୍ର

# ତାରପୁର ବାଇପାସରେ ହନୁମାନଜୀଉଙ୍କ ବାର୍ଷିକ ଉତ୍ସବ

ରଘୁନାଥପୁର, ୧୫।୪
(ରାଜେନ୍ଦ୍ର ନାରାୟଣ ସିଂହ)



ମହାବିଷୁବ ସଂକ୍ରାନ୍ତିରେ ରଘୁନାଥପୁର ବ୍ଲକ ତାରପୁର ବାଇପାସ୍ଥିତ ହନୁମାନଜୀଉଙ୍କ ୨୬ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ବିଳମ୍ବିତ ରାତ୍ରିରେ ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ବାଇପାସ୍ ବଜାର କମିଟି ପକ୍ଷରୁ ସୋମବାର ଅଙ୍କୁରାରୋପଣ କରାଯାଇ ମଙ୍ଗଳବାର ସକାଳୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମହାନଦୀରୁ ଏକ ଶୋଭାଯାତ୍ରାରେ ପୂର୍ଣ୍ଣକୁମ୍ଭ କଳସ ଅଣାଯାଇ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ ହୋଇଥିଲା। ପରେ ବୈଦିକ ପଣ୍ଡିତଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା କରାଯାଇ ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। କ୍ରମାନ୍ୱୟରେ ହନୁମାନଙ୍କ ସହସ୍ରାହୁତି କରାଯାଇ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ନିରଞ୍ଜନ ରାଉତ ଓ ଉର୍ମିଳା ରାଉତ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା।

# ୨ ମାସ ବନ୍ଦ ହେଲା ସମୁଦ୍ରରେ ମାଛଧରା

ପାରାଦୀପ, ୧୫।୪(ଶରତ ରାଉତ)

ପାରାଦୀପ ସମେତ ଉପକୂଳ ଓଡ଼ିଶାର ସମୁଦ୍ର ମଧ୍ୟରେ ବୁଧବାରଠାରୁ ୨ ମାସିଆ ସାମୁଦ୍ରିକ କଟକଣା ଲାଗୁ ହୋଇଛି। ଆସନ୍ତା ଜୁନ୍ ୧୪ ପର୍ଯ୍ୟନ୍ତ ସମୁଦ୍ରରେ କୌଣସି ବୋଟ୍ ମାଛ ଧରି ପାରିବେ ନାହିଁ। ଏହି କଟକଣା ଲାଗୁହେବା ପରେ ଓଡ଼ିଶାର ଅନ୍ୟତମ ବୃହତ୍ ପାରାଦୀପ ମାଛଧରା ବନ୍ଦର ଗହଳ ଚହଳ ହ୍ରାସ ପାଇଛି। ଆଉ ଦିନେ ୨ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଖାଁ ଖାଁ ପରିବେଶ ହେବ। କାରଣ ଉକ୍ତ ମାଛଧରା ବନ୍ଦର ଉପରେ ପ୍ରତ୍ୟକ୍ଷ ପରୋକ୍ଷ ଭାବେ ପ୍ରାୟ ୫୦ ହଜାର ଲୋକ ନିଭରଶୀଳ। ମାଛ ବେପାର ବନ୍ଦହେବା ସହ ଏଥିରେ ଜଡ଼ିତ ସବୁ ବେପାର ବନ୍ଦ ହୋଇଯିବ। ଏହି କଟକଣାକୁ ମତ୍ସ୍ୟଜୀବୀମାନେ ସ୍ୱାଗତ କରୁଛନ୍ତି। କାରଣ ଉକ୍ତ କଟକଣା ମାଛ ବଂଶ ବୃଦ୍ଧି ପାଇଁ କରାଯାଇଛି। ମାଛବଂଶ ବୃଦ୍ଧି ହେଲେ ସେମାନେ ଉପକୃତ ହେବେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ ସାମୁଦ୍ରିକ କାର୍ଯ୍ୟାଳୟ କୁଜଙ୍ଗ ପକ୍ଷରୁ ଏ ନେଇ ସର୍ବସାଧାରଣ ନୋଟିସ (୭୨୧) ଜାରି କରାଯାଇଛି। କଟକଣା ସମ୍ପର୍କରେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ସଭାପତି ଶ୍ରୀକାନ୍ତ ପରିଡ଼ା କହିଛନ୍ତି, ଏହି କଟକଣା ହେବା ଭଲ। କିନ୍ତୁ କଟକଣା ସମୟରେ ମତ୍ସ୍ୟଜୀବୀମାନେ ରୋଜଗାର ଶୂନ୍ୟ ହୋଇଯାଉଛନ୍ତ। ସେମାନଙ୍କ ପାଇଁ ସରକାର ଗରିବ କଲ୍ୟାଣ ଯୋଜନାରେ ସାମିଲକରି ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ସଂଘ ପକ୍ଷରୁ ଦୀର୍ଘବର୍ଷ ହେଲା ଦାବି ହେଉଛି। ତାହା ଏ ପର୍ଯ୍ୟନ୍ତ ହେଉନାହିଁ। ଏମ୍‌ଏସ୍‌ଏମ୍‌ଇ ମାଧ୍ୟମରେ ମତ୍ସ୍ୟଜୀବୀଙ୍କ ପାଇଁ ଧନ୍ଦାମୂଳକ କାମ କରିବା ଦାବି କରୁଛୁ। ସାମୁଦ୍ରିକ କଟକଣା ଲାଗୁ ହେବା ପରେ ଏବେ ସାମୁଦ୍ରିକ ମାଛ ବଜାରରେ ମିଳିବ ନାହିଁ।



ପାରାଦୀପ ମାଛଧରା ବନ୍ଦରରେ ଥିବା ଟ୍ରଲର।

# ବାଲିକୁଦା ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ

ବାଲିକୁଦା, ୧୫।୪(ତାପସ ସ୍ୱାଇଁ)

ସାଧାରଣ ଜନତା,ପୋଲିସଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଓ ଭାଇଚାରା ସୃଷ୍ଟି ଉଦ୍ଦେଶ୍ୟରେ ଜଗତ୍‌ସିଂହପୁର ଜିଲା ପୋଲିସ ପକ୍ଷରୁ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ଥାନା କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣଜନତାଙ୍କୁ ନେଇ ଏକ ଆମ ପୋଲିସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଡିପିଓ ରଶ୍ମି ରଞ୍ଜନ ଦାସ, ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ, ଅତିରିକ୍ତ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସାଧାରଣଜନତାଙ୍କ ମତ ଗ୍ରହଣ କରିଥିଲେ। ବାଲିକୁଦା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ଓ ପୋଲିସ ଏବଂ ସାଧାରଣ ନାଗରିକମାନଙ୍କ ମଧ୍ୟରେ କିଭଳି ମଧୁର ସମ୍ପର୍କ ସୃଷ୍ଟି ହେବ ସେନେଇ ବୁଦ୍ଧିଜୀବୀ ଓ ଲୋକମାନେ ମତ ପ୍ରକାଶ କରିଥିଲେ। ଏଥିରେ ଦ୍ରୁତ ଗାଡି ଚାଳନା, ବେଆଇନ ପାର୍କିଂ, ମନ୍ଦିର ମଠରୁ ଚୋରି, ଚୋରା ମଦ ଓ ବ୍ରାଉନସୁଗାର କାରବାରକୁ ରୋକିବା ପାଇଁ ଅଧିକ ମତ ଆସିଥିଲା। ଯାହାକୁ ପୋଲିସ ପକ୍ଷରୁ ଗ୍ରହଣ କରାଯିବା ସହ ଆସନ୍ତା ମାସେ ମଧ୍ୟରେ ଏଥିରେ ଯଥେଷ୍ଟ ସୁଧାର ଆସିବ ଓ ପୋଲିସ ପେଟ୍ରୋଲିଂ କଡାକଡି ହେବା ସହ ଦ୍ରୁତଗତିରେ ବାଇକ୍ ଚଳାଇ ଅନେକ ସାଧାରଣଜନତାଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଥିବା ଚାଳକଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଆସନ୍ତା ମାସ ବୈଠକରେ ପୋଲିସର କ'ଣ ପଦକ୍ଷେପ ନେଇଛି ସେ ସମ୍ପର୍କରେ ପୁଣି ମତ ସଂଗ୍ରହ କରାଯିବ। ଆଗାମୀଦିନରେ ଚୋରା ମଦ ଓ ବ୍ରାଉନସୁଗାର ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ନିସ୍ତାର ନାହିଁ ବୋଲି ବୋଲି ଏସ୍‌ଡିପିଓ ଦାସ କହିଥିଲେ।

# ଓଡ଼ିଆ ନବବର୍ଷ: ନାଚ, ଗୀତରେ ଝୁମିଲେ ଲୋକେ

ଜଗତ୍‌ସିଂହପୁର, ୧୫।୪
(ପ୍ରମୋଦ କୁମାର ନାୟକ)

ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଅବସରରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଜଗତ୍‌ସିଂହପୁର ସମେତ ରାଜ୍ୟର କେତେଜଣ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ପରିବେଶିତ ନାଚ, ଗୀତରେ ଲୋକେ ଝୁମିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବକୁ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଉଦ୍‌ଘାଟନ କରିଥିବାବେଳେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଜେ. ସୋନାଲ, ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ନେତା ରାଜକିଶୋର ବେହେରା, ବାଲିକୁଦା-ଏରସମା ଭାଜପା ନେତା ସତ୍ୟ ସାରଥୀ ମହାନ୍ତି, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ନାଉଗାଁ ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ଓ ଜଗତ୍‌ସିଂହପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଆଇଆଇଟିରେ କୃତିତ୍ୱ ହାସଲ କରିଥିବା ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ୫ ଛାତ୍ରୀଛାତ୍ରଙ୍କୁ ଜିଲାପାଳଙ୍କ ଦ୍ୱାରା ସାମ୍ମାନୀତ କରାଯାଇଥିଲା। ଏଥିସହ ଧୁଡୁକି ଓ ଯାତ୍ରା କଳାକାରଙ୍କ ସମେତ ସଫେଇ କର୍ମଚାରୀ ଏବଂ କ୍ରୀଡ଼ା ପ୍ରତିଭାଧାରୀ କେତେଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

# ଅଧ୍ୟକ୍ଷାଙ୍କ ବଦଳି ବାତିଲ ପରେ ବଢ଼ିଲା ଚର୍ଚ୍ଚା

## ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

### ଗତ ୧୦ ତାରିଖରେ ଅନେକ ଖୁସି ହୋଇ ବାଣ ଫୁଟାଇଥିଲେ

ଜଗତ୍‌ସିଂହପୁର, ୧୫।୪
(ପ୍ରମୋଦ କୁମାର ନାୟକ)

ଗତ ୧୦ ତାରିଖରେ ସ୍ୱାମୀ ବିବେକାନନ୍ଦ ସ୍ମାରକ(ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ତଥା ରସାୟନ ବିଜ୍ଞାନ ରିଡର ସୁଜାତା ଓତାଙ୍କ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ଭଦ୍ରକ ଜିଲା ଚରମ୍ପା (ଡିଗ୍ରୀ) କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇଂଲିଶ ରିଡର ଅମରେନ୍ଦ୍ର ଦାସ ଆସନ୍ତା ୧୫ ତାରିଖ ପୂର୍ବରୁ ଦାୟିତ୍ୱ ଗ୍ରହଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ମହାବିଦ୍ୟାଳୟ ପରିସରରେ ଅନେକ ଛାତ୍ରୀଛାତ୍ର ଓ କର୍ମଚାରୀ ଉତ୍ସବ ପାଳିଥିଲେ। ଏପରି କି ମହାବିଦ୍ୟାଳୟ ପରିସରରେ ପାଖାପାଖି ୨ ଘଣ୍ଟାକାଳ ବାଣ ଫୁଟାଇ, ମିଠା ଖାଇ ଧୁମ୍‌ଧାମ୍‌ରେ ଉତ୍ସବ ମନାଇଥିଲେ। ଏହି ପ୍ରସଙ୍ଗ ଜଗତ୍‌ସିଂହପୁରରେ ନିଆରା ବାର୍ତ୍ତା ଦେଇଥିଲା। ବିଶେଷକରି ରାଜନୈତିକ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହା ଭିତରେ ମାତ୍ର ୫ ଦିନ ଅତିକ୍ରାନ୍ତ ହୋଇ ନ ଥିବାବେଳେ ବଦଳି ନାଟକ ନାଟକୀୟ ମୋଡ଼ ନେଇଛି। ବୁଧବାର ଉଚ୍ଚଶିକ୍ଷା ବିଭାଗ ଗତ ୧୦ ତାରିଖର ନିର୍ଦ୍ଦେଶ ଉପରେ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଛି। ଅର୍ଥାତ୍ ଉଭୟ ଓତା ଓ ଦାସ ସେମାନଙ୍କ ପୂର୍ବ ସ୍ଥାନରେ କାର୍ଯ୍ୟ କରିବାକୁ ଅନୁମତି ଦେଇଛି। ଏଥିମଧ୍ୟରେ ଦାସ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିସାରିଥିବାବେଳେ ପୁଣି ତାଙ୍କ ପୂର୍ବ ସ୍ଥାନକୁ ବଦଳି କରାଯିବା ନିଆରା ବାର୍ତ୍ତା ଦେଇଛି। ସୂଚନାଯୋଗ୍ୟ, କିଛିମାସ ହେବ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏବଂ ଅଧ୍ୟକ୍ଷା ଓତାଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବା କାରଣରୁ ନାନା କଥା ଚର୍ଚ୍ଚା ହେଉଥିଲା। ଏଥିସହ ଅଧ୍ୟକ୍ଷା ଓ କେତେଜଣ କର୍ମଚାରୀଙ୍କ ମଧ୍ୟରେ ମଧ୍ୟ ବିବାଦ ମୁଣ୍ଡ ଟେକିଥିଲା, ଯେଉଁ କାରଣରୁ ଓତାଙ୍କୁ ବଦଳି କରାଯାଇଥିବା କୁହାଯାଇଥିଲା। ଅନୁରୂପ ଭାବେ ଦାସଙ୍କ ବିରୋଧରେ ମଧ୍ୟ ଚରମ୍ପା (ଡିଗ୍ରୀ) ମହାବିଦ୍ୟାଳୟରେ ଅସନ୍ତୋଷ ଦେଖାଦେଇଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାର ହୋଇଥିଲା। ଉଭୟ ଓତା ଓ ଦାସ ବିବାଦୀୟ ହୋଇପଡ଼ିଥିବାବେଳେ ସେମାନେ ପୂର୍ବପରି ସେମାନଙ୍କ ପୁରୁଣା ଜାଗାରେ କାମ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଓତାଙ୍କ ବଦଳି ବାତିଲ ଉପରେ ରାଜନୈତିକ ମହଲରେ ନାନା ଆଲୋଚନା ଚାଲିଛି। ଜଗତ୍‌ସିଂହପୁର ଜିଲାର ଜଣାଶୁଣା ସାମାଜିକ କର୍ମୀ ଆଡ୍‌ଭୋକେଟ୍ ବାସୁଦେବଙ୍କ ସମେତ ଅନେକ ସାମାଜିକ କର୍ମୀ ଓତାଙ୍କ ସପକ୍ଷରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଶେୟାର କରିଥିଲେ। ଏପରି କି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପ୍ରମୁଖଙ୍କ ପାଖକୁ ଚିଠି ଯାଇଥିବା କୁହାଯାଉଛି। ଏହିସବୁ ପ୍ରସଙ୍ଗକୁ ନେଇ ଓତାଙ୍କ ବଦଳି ବାତିଲ କରିଦିଆଯାଇଥିବା କୁହାଯାଉଛି।

# ଡଷ୍ଟବିନ୍ ନ ରଖିଲେ ୧ହଜାର ଜରିମାନା

**ନୟାଗଡ଼, ୧୫।୪(ଲୋକନାଥ ମିଶ୍ର)**

ନୟାଗଡ଼ ସହରରେ ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମ୍ୟୁନିସିପାଲିଟି ପକ୍ଷରୁ ସଫେଇ ହେଉଥିଲେ ମଧ୍ୟ ବଜାର ସବୁବେଳେ ଅପରିଷ୍କାର ରହୁଛି। ବ୍ୟବସାୟୀମାନେ ପରିମଳ ସେବାକୁ ବିପର୍ଯ୍ୟସ୍ତ କରୁଥିବା ଅଭିଯୋଗ ହୋଇ ଆସୁଛି। ଦୋକାନରୁ ବାହାରୁଥିବା ଆବର୍ଜନାକୁ ଡଷ୍ଟବିନରେ ନ ପକାଇ ରାସ୍ତା ଉପରେ ପକାଉଥିବାରୁ ସହରର ରାସ୍ତା ସବୁବେଳେ ପରିମଳ ସେବା ବିପର୍ଯ୍ୟସ୍ତ ହୋଇ ରହୁଛି। ଦୋକାନ ସମ୍ମୁଖରେ ଡଷ୍ଟବିନ ରଖି ସେଥିରେ ଆବର୍ଜନା ଓ ମଇଳା ପକାଇବାକୁ ମ୍ୟୁନିସିପାଲିଟି ପକ୍ଷରୁ ବାରମ୍ବାର ସଚେତନତା କରାଯାଉଥିଲେ ମଧ୍ୟ ସୁଫଳ ମିଳୁନି। ଏପରିକି ଡଷ୍ଟବିନ୍ ନ ରଖିଲେ ୧ହଜାର ଫାଇନ ଦେବାକୁ ବି ନିର୍ଦ୍ଦେଶ ରହିଛି। ହେଲେ ମ୍ୟୁନିପାଲିଟି ପକ୍ଷରୁ ଜରିମାନା ଆଦାୟକୁ ଅନୁକମ୍ପା ଦେଖାଯାଉଥିବା ବେଳେ ବ୍ୟବସାୟୀମାନେ ଡଷ୍ଟବିନ୍ ରଖିବାକୁ ମଧ ରାଜି ନୁହନ୍ତି। ଏ ନେଇ ଜଣେ ବ୍ୟବସାୟୀ ନିଜ ନାଁ ଗୋପନ ରଖି କହିଛନ୍ତି ମ୍ୟୁନିସିପାଲିଟି ପକ୍ଷରୁ ଡଷ୍ଟବିନ ରଖିବା ନେଇ ସଚେତନତା କରାଯିବା ଠିକ୍। ହେଲେ ଫାଇନ କରାଯିବା ବଦଳରେ ସେମାନଙ୍କୁ ଅନୁକମ୍ପା ଦେଖା ଯାଉଥିବାରୁ ସୁଫଳ ମିଳୁନି। ଏଣୁ ବ୍ୟବସାୟୀମାନେ ଡଷ୍ଟବିନ ଦୋକାନ ସମ୍ମୁଖରେ ନ ରଖି ମନଇଚ୍ଛା ଆବର୍ଜନା ଫୋପାଡୁଛନ୍ତି। ବେଶି ଅପରିଷ୍କାର ପନିପରିବା, ଫଳ ଦୋକାନୀ, ଯୋଟେଲ, ଢାବା କରୁଥିବା କହିଥିଲେ। ତେବେ ସବୁ ଦୋଷ ସବୁ ଦୋକାନ ଉପରକୁ ଯାଉଛି। ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବା ବାଧ୍ୟତାମୂଳକ କରାଯାଇ ଫାଇନ କରାଗଲେ ଆମ ନୟାଗଡ଼ର ସୌନ୍ଦର୍ଯ୍ୟ ବଢ଼ିବ ବୋଲି କହିଛନ୍ତି। ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ଦୋକାନ ସମ୍ମୁଖରେ ଡଷ୍ଟବିନ ରଖାଯିବାକୁ ବାଧ୍ୟତାମୂଳକ କରାଯିବା ଦରକାର। ଆଇନକୁ ଅଣଦେଖା କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜରିମାନା ଆଦାୟ କରାଯିବା ଦରକାର। ଆଇନକୁ କଡାକଡି କରାଗଲେ ସବୁ ଦୋକାନ ସମ୍ମୁଖରେ ଡଷ୍ଟବିନ ରହିବ ଏଥିରେ ସନ୍ଦେହ ନାହିଁ।

■ଜରିମାନା ସତ୍ତ୍ୱେ ଦୋକାନ ସମ୍ମୁଖରେ ରହୁନି ଡଷ୍ଟବିନ୍

■ମ୍ୟୁନିସିପାଲିଟିର ନିର୍ଦ୍ଦେଶକୁ ଅଣଦେଖା କରୁଛନ୍ତି ବ୍ୟବସାୟୀ

ଏନେଇ ଟ୍ୟାକ୍ସ କଲେକ୍ଟର ଦାରୋଗା ଅଜିତ ନାୟକ ସୂଚନା ଦେଇ କହିଛନ୍ତି ନୟାଗଡ଼ ସହରରେ ଥିବା ବଜାର ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ପ୍ରାଧାନ୍ୟ ଦିଆଯାଇଛି। ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବା ନେଇ ସଚେତନତା ବାରମ୍ବାର କରାଯିବା ପରେ ଫାଇନ ଆଦାୟ କରାଯାଉଛି। କେବଳ ଡଷ୍ଟବିନ ରଖିଦେଲେ ହେବନି ସେଥିରେ ଆବର୍ଜନା ପକାଇବା ଦରକାର। ନିଜ ଦୋକାନ ସମ୍ମୁଖ ଅପରିଷ୍କାର ରହିଲେ ସେଥିପାଇଁ ବ୍ୟବସାୟୀ ପ୍ରତିଷ୍ଠାନକୁ ଦାୟୀ କରାଯାଇ ଫାଇନ କରାଯାଉଛି। ଅନ୍ୟ ଉପରେ ଦୋଷ ଦେଇ ଖସିଗଲେ ମାଫ୍ କରାଯିବ ଯୁକ୍ତି ଗ୍ରହଣ କରାଯିବନି। ଏଣୁ ଫାଇନକୁ ରୋକିବାକୁ ହେଲେ ମ୍ୟୁନିସିପାଲିଟିର ନିୟମକୁ ମାନିବାକୁ ପଡିବ ବୋଲି କହିଛନ୍ତି। ଡଷ୍ଟବିନ ରଖୁ ନ ଥିବା, ଆଇନକୁ ଫାଙ୍କୁଥିବା ବ୍ୟବସାୟୀଙ୍କଠାରୁ କେତେ ଫାଇନ ଆଦାୟ ହୋଇଛି ସେନେଇ କନିଷ୍ଠ ପରିମଳ ବିଶେଷଜ୍ଞ ଦୀପକ ଜେନାଙ୍କୁ ପଚାରିବାରୁ କହିଥିଲେ, ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏପରିକି ମ୍ୟୁନିସିପାଲିଟି ନିର୍ଦ୍ଦେଶକୁ ଅଣଦେଖା କରାଗଲେ ୧ ହଜାର ଫାଇନ ଆଦାୟ ହେଉଛି। କିଛି ମାସ ତଳେ ଫାଇନ ଆଦାୟ ହୋଇଥିଲା। ଏବେ ପୁଣି ସଚେତନତା କରାଯିବ। ସଚେତନତା ପରେ ଫାଇନକୁ କଡାକଡି କରାଯିବ ବୋଲି କହିଛନ୍ତି।

# ସାମାଜିକ ସମୀକ୍ଷା ଜନଶୁଣାଣି



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**ଭାପୁର ,୧୫।୪ (ପ୍ରଭାତ ବରାଡ)**

ନୟାଗଡ଼ ଜିଲାପାଳ ମଧୁମିତା ରଥଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଦିନ ଭାପୁର ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଅତିରିକ୍ତ ଜିଲାପାଳ ରୋଜିନା ଦାସଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ସାମାଜିକ ସୁରକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୦ ପଞ୍ଚାୟତରେ ହୋଇଥିବା ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଜନଶୁଣାଣି ଶିବିରରେ କେଉଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ସୂଚନା ଫଳକ ଲଗାଯାଇ ନ ଥିଲା ତ ପଞ୍ଚାୟତରେ ମଷ୍ଟରରୋଲ ନ ଥିବା ଅଭିଯୋଗ ହୋଇଥିଲା। ସାତଦିନ ଭିତରେ ରିପୋର୍ଟ ଦେବାକୁ ତାଗିଦ କରଯାଇଥିଲା। ଉକ୍ତ ଶିବିରରେ ଭାପୁର ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିୟାର ସିଂ, ବ୍ଲକ ସାମାଜିକ ସମୀକ୍ଷକ ସନ୍ତୋଷ କୁମାର ବାରିକ, ଭାପୁର ବ୍ଲକ ଏପିଓ ଅରୁଣ କୁମାର ଚିନାରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ଯନ୍ତ୍ରୀ, ଯୋଗାଣ ବିଭାଗ ଅଧିକାରୀ ଉପସ୍ଥିତ ଥିବା ବେଳେ କୌଣସି ଜନପ୍ରତିନିଧି ଉପସ୍ଥିତ ରହି ନ ଥିଲେ।

# ଡବେରୀରେ ନଳକୂପ ଖନନ

**ଦାରିଙ୍ଗବାଡ଼ି, ୧୫।୪ (ଅରୁଣ ସାହୁ)**

ଦାରିଙ୍ଗବାଡ଼ି ବ୍ଲକ୍ ଡବେରୀରେ ଜଳ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ନୂତନ ନଳକୂପ ଖନନ କରାଯାଇଛି। ଏନେଇ ଡବେରୀରେ ଖୁସିର ଲହରୀ ଦେଖାଦେଇଛି। ଅଞ୍ଚଳବାସୀ ତଥା ଗ୍ରାମ୍ୟ କମିଟି, ବିର୍ସାମୁଣ୍ଡା ଯୁବକ ସଂଘ, ଏସ୍‌ଏଚ୍‌ଜି ସଦସ୍ୟା, ବିଡ଼ିଓ ପ୍ରୀତିରଞ୍ଜନ ରଥ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ କ୍ଷୀରଦ୍ଧ ରାଉତଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ,



ଡବେରୀରେ ପାନୀୟଜଳ ସଙ୍କଟକୁ ନେଇ ଅଞ୍ଚଳବାସୀ ବ୍ଲକ୍ କାର୍ଯ୍ୟାଳୟଠାରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ସହକାରୀ ଯନ୍ତ୍ରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# କାର୍ଯ୍ୟାଦେଶପତ୍ର ବଣ୍ଟନ ମେଳା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ଖଣ୍ଡପଡ଼ା, ୧୫।୪ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରର ପଠାଣି ସାମନ୍ତ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୯୭ ହିତାଧିକାରୀଙ୍କୁ ବୁଧବାର କାର୍ଯ୍ୟାଦେଶପତ୍ର ବଣ୍ଟନ କରାଯାଇଥିବା ଜଣାପଡିଛି। ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ନୟାଗଡ଼ ଜିଲାପାଳ ମଧୁମିତା ରଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ସାମାଜିକକର୍ମୀ ବିଧାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶପତ୍ର ବଣ୍ଟନ କରି ଏ କାର୍ଯ୍ୟକ୍ରମରେ କୌଣସି ହିତାଧିକାରୀ କାହାରିକୁ ଟଙ୍କାଟିଏ ବି ପିଶି କିମ୍ବା ହାତଗୁଞ୍ଜା ନ ଦେବାକୁ ଜଗନ୍ନାଥଙ୍କ ରାଣ ଦେଇ ନିବେଦନ କରିଥିଲେ। ଖଣ୍ଡପଡ଼ା ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଖଣ୍ଡପଡା ସହରର ବିଭିନ୍ନ ୱାର୍ଡରୁ କାଉନସିଲର ଓ ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏନ୍‌ଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତ୍ରିନାଥ ଦେବଙ୍କ ଜନ୍ମବାର୍ଷିକ ପାଳିତ

**ଖଣ୍ଡପଡା,୧୫।୪ (ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତ ଗୋକୁଳାନନ୍ଦ ପୀଠରେ ବିରାଜିତ ମା’ ତାରିଣୀଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ ପାରମ୍ପରିକ ରୀତିରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପୁରୋଧା ଦୁର୍ଗାପ୍ରସାଦ ଦାଶଙ୍କ ଦ୍ୱାରା ଷୋଡଶ ଉପଚାର ପୂଜା, ହୋମ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କର୍ତ୍ତା ଭାବେ ଗୋବିନ୍ଦ ଚନ୍ଦ୍ର ରଣା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହୋମ ଯଜ୍ଞାଦିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଏ ଉପଲକ୍ଷେ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା ।

# ଆମ୍ବେଡ୍‌କରଙ୍କ ଜୟନ୍ତୀ

**ନୟାଗଡ଼, ୧୫।୪(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ କଂଗ୍ରେସ କମିଟି ତରଫରୁ ସିନ୍ଦୁରିଆରେ ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନୟାଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ହସିମ୍ ଖାଁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ଅବଜର୍ଭର ଫକୀର ଚରଣ ମଲ୍ଲ ଯୋଗଦେଇ ଡ. ଭୀମରାଓ ଓ ମୁଖ୍ୟ ଅତିଥି ଭାବେ ପି.ସି.ସି ମେମ୍ବର ହୁସେନ ଖାନ ଯୋଗଦେଇ ଡ. ଭୀମ ରାଓ ଆମ୍ବଡ଼କରଙ୍କ ଭାରତ ବର୍ଷରୁ ଛୁଆଁଅଛୁଆଁ ଭେଦଭାବକୁ ଦୂର ଓ ତାଙ୍କ ବିଷୟରେ ଟିପିଣୀ ଦେଇଥିଲେ। ଅନ୍ୟମାଙ୍କ ମଧ୍ୟରେ ଜନାବ ନୁରୁଦ୍ଦିନ ଖାଁ , ଶ୍ରୀକାନ୍ତ ଜେନା , ନାରାୟଣ ବେହେରା , ହବିବ ଖାଁ , ରାଜା ପଠାନ,ନିଜାମୁଦ୍ଦିନ ଖାଁ ଓ ନରଣ ବେହେରାଙ୍କ ସମତେ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ। ଉଷତୁଲା ଖାଁ ଧନ୍ୟବାଦ ଦେଇଥିଲେ।

# ପୁରୀରେ ରଥ ନିର୍ମାଣ ପାଇଁ ଫାସିକାଠ ଦାନକଲେ ଶିକ୍ଷାବିତ

**ଖଣ୍ଡପଡ଼ା, ୧୫।୪ (ଅଜୟ କୁମାର ମହାରଣା)**



ପୁରୀରେ ଶ୍ରୀଜୀଉଙ୍କ ରଥ ନିର୍ମାଣ ନିମନ୍ତେ ପ୍ରତି ବର୍ଷ ଫାସିକାଠର ଆବଶ୍ୟକତା ପଡୁଥିବା ବେଳେ ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଶିକ୍ଷାବିତ ମହେଶ୍ୱର ରଣା ତାଙ୍କ ବାସଗୃହ ପଛ ପାଖରେ ଥିବା ୮ ଫୁଟ ଗୋଲେଇ ବିଶିଷ୍ଟ ଏକ ଫାଶୀ ଗଛକୁ ରଥ ନିର୍ମାଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନକୁ ଦାନ କରିଥିବା ଜଣାଯାଇଛି। ତେବେ ରଥ ନିର୍ମାଣ ନିମନ୍ତେ ଫାସିକାଠ ପ୍ରଦାନ ନେଇ ଶିକ୍ଷାବିତ ରଣା ଖଣ୍ଡପଡ଼ା ବନ ବିଭାଗ କର୍ତ୍ତୃପକ୍ଷ ଓ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ବହୁ ପୂର୍ବରୁ ସାକ୍ଷାତ କରି ଜଣାଇଥିଲେ। ନୟାଗଡ଼ ବନଖଣ୍ଡ କାର୍ଯ୍ୟାଯାଳୟ ତରଫରୁ ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନ ଫାସିଗଛଟିକୁ କାଟି କାଠ ସଂଗ୍ରହ କରିଥିବା ଜଣାପଡ଼ିଛି।

# ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଖଣ୍ଡପଡା,୧୫।୪ (ଅଜୟ କୁମାର ମହାରଣା)**

ଖଣ୍ଡପଡା ସହରର ଗିରି ହନୁମାନଙ୍କ ପୀଠରେ ଗତ ୩ଦିନ ଧରି ଅନୁଷ୍ଠିତ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏ ଅବସରରେ ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଖଣ୍ଡପଡା ସହର ପରିକ୍ରମା କରିଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ପାରମ୍ପରିକ ରୀତିନୀତି ଅନୁଯାୟୀ ସଂପନ୍ନ ହୋଇଥିବା ବେଳେ ପୂର୍ଣ୍ଣାହୁତି ଉତ୍ସବରେ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବ ମୁଖର ହୋଇ ଉଠିଥିଲା। ସେହିପରି ସିଧାମୂଳା ଗ୍ରାମର ପ୍ରଭୁ ଗୋକୁଳାନନ୍ଦଙ୍କ ପୀଠରେ ପୂଜା ପାଉଥିବା ଶ୍ରୀ ହନୁମାନଙ୍କ ମନ୍ଦିରର ୨୬ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ସେହିପରି ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ମହାବୀର ବଜାର କମିଟି ପକ୍ଷରୁ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ତୋଟା ହନୁମାନ ପୀଠରେ ଜନସାଧାରଣଙ୍କୁ ପଣା ଓ ଅନ୍ନପ୍ରସାଦ ପରିବେଷଣ କରାଯାଇଛି।

# ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ, ଅବସରପ୍ରାପ୍ତ ଅଧ୍ୟାପକ ଗିରଫ

**ଆସିକା, ୧୫।୪ (ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା ଆସିକା ବସଷ୍ଟାଣ୍ଡରେ ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ଯାତ୍ରୀବାହୀ ମିନିବସରେ ଜଣେ ନାବାଳିକାଙ୍କ ପ୍ରତି ଅସଦାଚରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ପୋଲସରା ଅଞ୍ଚଳର ଜଣେ ଅବସରପ୍ରାପ୍ତ ଅଧ୍ୟାପକ ବୋଲି ଜଣାପଡିଛି । ଖବରରୁ ଜଣାପଡିଛି, ଆସିକାରୁ କବିସୂର୍ଯ୍ୟନଗର ଦେଇ ପୋଲସରା ଯାଉଥିବା ଏକ ଯାତ୍ରୀବାହୀ ମିନି ବସ୍‌ରେ ନାବାଳିକା ଜଣକ ନିଜ ବାପାଙ୍କ ସହ ଯାଉଥିଲେ। ସେହି ସିଟ୍‌ରେ ଅବସରପ୍ରାପ୍ତ ଅଧ୍ୟାପକ ଜଣକ ବସିଥିଲେ । ନାବାଳିକାଙ୍କ ବାପା ପାଣି ବୋତଲ ଆଣିବା ଲାଗି ବସ୍‌ରୁ ତଳକୁ ଓହ୍ଲାଇଥିଲା ବେଳେ ଅଭିଯୁକ୍ତ ଜଣକ ନାବାଳିକାଙ୍କ ପ୍ରତି ଅସଦାଚରଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ଗିରଫ କରିଥିଲା। ପୀଡିତା ଓ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଡାକ୍ତରୀ ମାଇନା ପରେ ପୋକ୍ସ ଅଦାଲତରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଅଦାଲତକୁ ପଠା ଯାଇଥିବା ଜଣାପଡିଛି। ଏସମ୍ପର୍କରେ ଆସିକା ଥାନାରେ ୧୬୫/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁଧୀର ସାହୁ କହିଛନ୍ତି।

# ଶତ ପ୍ରତିଶତ ରେଜଲ୍ଟ କରି ଜିଲା ପାଇଁ ଆଣିଲେ ଗର୍ବ

**ନୟାଗଡ଼, ୧୫।୪(ଲୋକନାଥ ମିଶ୍ର)**

କେନ୍ଦ୍ରୀୟ ଉଚ୍ଚ ମାଧ୍ୟମିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ନୟାଗଡ଼ ଜବାହାର ନବୋଦୟ ବିଦ୍ୟାଳୟ, ଡିଏଭି ସ୍କୁଲ ଓ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶତ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ନୟାଗଡ଼ ଜବାହାର ନବୋଦୟ ବିଦ୍ୟାଳୟର ୪୧ ମଧ୍ୟରୁ ୨୧ ଜଣ ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟର କ୍ରିଷ୍ଣା କିରଣ ପ୍ରଧାନ ୯୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ନୟାଗଡ଼ ଡିଏଭି ସ୍କୁଲର ୩୦ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୦ ପରୀକ୍ଷାର୍ଥୀ ପାସ କରିଛନ୍ତି। ୮ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଡିଏଭି ସ୍କୁଲର ଲିପ୍ସା ଭାରତୀ ୯୭. ୬ ପ୍ରତିଶତ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଏନ୍‌ସାଇ ପ୍ରସାଦ ୯୭.୨ ପ୍ରତିଶତ ରଖି ୨ୟ ସ୍ଥାନରେ ଓ ଶେଫାଳି ପ୍ରଧାନ ୯୭ ପ୍ରତିଶତ ନମ୍ବର ରଖି ନିଜ ସ୍କୁଲରେ ତୃତୀୟ ସ୍ଥାନରେ ଅଛନ୍ତି। ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନୟାଗଡ଼ର ୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୦ ଜଣ ପାସ୍ କରିଛନ୍ତି। ୫୦ରୁ ୧୨ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୭ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ପ୍ରତ୍ୟୁଷା ରଞ୍ଜନ ମାର୍ଥା ୯୮.୪ ପ୍ରତିଶତ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ପ୍ରଜ୍ଞାନୀ ଶୁଭଦର୍ଶିନୀ ୯୬.୬ ପ୍ରତିଶତ ରଖି ୨ୟରେ, ଅମ୍ଲାନ ଅନୁରାଗ ମହାରଣା ଓ ପାର୍ଥ ସାରଥି ଗଡନାୟକ ୯୬.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ଅଛନ୍ତି। ୧୭ ପରୀକ୍ଷାର୍ଥୀ ସଂସ୍କୃତରେ ଭଲ କରିଥିବାବେଳେ ୧୩ଜଣ ଶତ ପ୍ରତିଶତ ନମ୍ବର ରଖିଛନ୍ତି। ଜଣେ ପରୀକ୍ଷାର୍ଥୀ ଇଂରାଜୀରେ ଶତ ପ୍ରତିଶତ ନମ୍ବର ଅନୁରୂପ ଭାବେ ରଖିଛି ।

■କେନ୍ଦ୍ରୀୟ ଉଚ୍ଚ ମାଧ୍ୟମିକ ପରୀକ୍ଷା ଫଳ ପ୍ରକାଶିତ

■କ୍ରିଷ୍ଣା କିରଣ, ଲିପ୍ସା ଭାରତୀ, ପ୍ରତ୍ୟୁଷା ରଞ୍ଜନ ବିଦ୍ୟାଳୟ ଟପ୍ପର

# ପଣା ସଂକ୍ରାନ୍ତିରେ ବରପତ୍ର ପିଠାର ସ୍ୱାଦ ନିଆରା

**ଖଣ୍ଡପଡା,୧୫।୪ (ଅଜୟ କୁମାର ମହାରଣା)**

ମହାବିଷୁବ ସଂକ୍ରାନ୍ତିରେ ଘରେ ଘରେ ବରପତ୍ରରେ ପିଠା କରିବାର ବିଧି ରହିଛି। ବରପତ୍ରରେ ପ୍ରସ୍ତୁତ ପିଠାର ସ୍ୱାଦ ସ୍ୱତନ୍ତ୍ର। ଚୈତ୍ରମାସରେ ବରଗଛରେ ନୂତନ ପତ୍ର କଅଁଳି ଥାଏ। ବରପତ୍ର ଓ ଏହାର କ୍ଷୀରରେ ଔଷଧୀୟ ଗୁଣ ଭରି ରହିଛି। ଏହି ଦିନରେ ବର ପତ୍ରରେ ପିଠା ପ୍ରସ୍ତୁତ କରି ଖିଆଯାଏ। ଆମ ଭାରତୀୟ ସଂସ୍କୃତିରେ ଋତୁ ଅନୁସାରେ ଖାଦ୍ୟପେୟର ବିଧି ମଧ୍ୟ ଅଲଗା। ଯେପରି ମାର୍ଗଶିର ମାସ ପ୍ରଥମାଷ୍ଟମୀରେ ହଳଦୀ ପତ୍ରର ପିଠା, ପୌଷମାସରେ ମୁଗ ପୁର ପିଠା ବା ମୁଗ ମଣ୍ଡା, ରାଶି ମଣ୍ଡା, ମାଘମାସ ବଉଳ ଅମାବାସ୍ୟାରେ ଆମ୍ବ ବଉଳ ସେବନ, ଫାଲ୍‌ଗୁନରେ ଚଣା, ଖଜା ଖିଆଯାଏ।

# ଜୀବନ ଜ୍ୟୋତି କଲେଜରେ ରକ୍ତଦାନ ଶିବିର

**ରାଇକିଆ,୧୫।୪ (ପ୍ରଦୀପ ବେହେରା)**

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରେଡକ୍ରସ ସଂଯୋଜକ ଅଧ୍ୟାପକ ବିଶ୍ୱ ବିହାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ କଲେଜ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ରକ୍ତଦାନ କରିଥିଲେ। ଫୁଲବାଣୀ ବ୍ଲଡ୍ ବ୍ୟାଙ୍କରୁ ଡା. ଜୟଦୀପ ଘୋଷ ପରିଚାଳନା କରିଥିଲେ। କଲେଜ ଅଧକ୍ଷ ଉମାକାନ୍ତ ରଥ, ଅଧ୍ୟାପକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲୋକନାଥ ନଗରରେ କାର୍ ଜାଳିଦେଲେ

**୨ ପରିବାର ମଧ୍ୟରେ ଉତ୍ତେଜନା, ଥାନାରେ ମାମଲା**



**ନୟାଗଡ଼,୧୫।୪(ଲୋକନାଥ ମିଶ୍ର)**

ନୟାଗଡ଼ ଟାଉନ ଥାନା ଲୋକନାଥନଗରର ପ୍ରତିମା ପ୍ରଧାନଙ୍କ କାର ନଂ.ଓଡି୦୭ସି ୪୨୪୧କୁ ପଣା ସଂକ୍ରାନ୍ତିରେ ପୋଡି ଦିଆଯାଇଥିବା ଅଭିଯୋଗ ହୋଇଛି। କାର ପୋଡିକୁ ନେଇ ଲୋକନାଥନଗରର ପ୍ରତିମା ପ୍ରଧାନ ଓ ସିନ୍ଦୁରିଆ ବଣିଆସାହିର ସୂର୍ଯ୍ୟନାରାୟଣ ସାହୁଙ୍କ ପରିବାର ମଧ୍ୟରେ ବିବାଦ ବଢ଼ିଛି। କାର ପୋଡିବା ଅଭିଯୋଗ ହେବା ପରେ ସିନ୍ଦୁରିଆ ବଣିଆସାହିର ସୂର୍ଯ୍ୟନାରାୟଣ ସାହୁଙ୍କ ନାଁରେ ନଂ.୧୧୫/୨୬ରେ ମାମଲା ରୁଜୁ ହୋଇଛି। ଲୋକନାଥନଗରର ପ୍ରତିମାଙ୍କ ଅଭିଯୋଗ ଅନୁସାରେ ଗତ ୧୪ ତାରିଖ ପଣା ସଂକ୍ରାନ୍ତିରେ ଘରେ କେହି ନ ଥିବାବେଳେ ଆମ୍ବ କଲୋନୀରେ ନୂଆ ଘର କରୁଥିବା ସିନ୍ଦୁରିଆ ବଣିଆସାହିର ସୂର୍ଯ୍ୟନାରାୟଣ ସାହୁ ମୋର କାର ନଂ.ଓଡି୦୭ସି ୪୨୪୧କୁ ପେଟ୍ରୋଲ ପକାଇ ନିଆଁ ଲଗାଇ ଜାଳି ଦେଇଛନ୍ତି। ନିଆଁରେ କାର ପୋଡିବା ସମୟରେ କଲୋନୀର କେତେକ ଲୋକ ଫୋନ କରିବା ପରେ ଘଟଣାସ୍ଥଳରେ ପହଞ୍ଚି କାର ପୋଡି ଯାଇଥିବା ଦେଖିବାକୁ ପାଇଥିଲେ। କାର ପୋଡିବା ସମ୍ପର୍କରେ ପଚାରିବରୁ ସେ ମୋତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ରହିଛି। ପୁଣି ଘର ପୋଡିଦେବି, ମାରି ଦେବି, ଜିଅନ୍ତା ଜାଳି ଦେବି, ଘରେ ରଖାଇ ଦେବେନି ପରି ଧମକ ଓ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ପ୍ରଧାନ କୁହନ୍ତି, କାର ପୋଡି ନେଇ ଅଭିଯୋଗ ପରେ ତଦନ୍ତ ସହ ଥାନାରେ ମାଲା ରୁଜୁ ହୋଇଛି। ମୁଁ ନିଜେ ତଦନ୍ତ କରିବାକୁ ଯାଇଥିଲି। କାର ପୋଡିବା ସମ୍ପର୍କରେ ଅନୁଧ୍ୟାନ ପାଇଁ ସିସିଟିଭି ଅଭିଯୋଗକାରୀଙ୍କ ନାହିଁ। ସିନ୍ଦୁରିଆ ବଣିଆସାହିର ସୂର୍ଯ୍ୟନାରାୟଣ ସାହୁଙ୍କର ସିସିଟିଭି ଅଛି। ସେ କେତେଦୂର ତଦନ୍ତରେ ସହଯୋଗ କରୁଛନ୍ତି ଦେଖିବାର ରହିଲା ବୋଲି କହିଛନ୍ତି।

# ମିଳୁନି ପ୍ରୋତ୍ସାହନ, ଦୁର୍ଦ୍ଦିନରେ ବାଉଁଶ କାରିଗର

**କୌଳିକ ବୃତ୍ତିରୁ ମୁହଁ ଫେରାଇଲେଣି**

**ଗଞ୍ଜାମ,୧୫।୪(ବିଦ୍ୟାଧର ସାହୁ)**



ବାଉଁଶ ତିଆରି ସାମଗ୍ରୀ।

ବାଉଁଶର ଅଭାବ ଏବଂ ଆଧୁନିକ ବଜାରରେ ଚାହିଦା କମିବା ଯୋଗୁ ଓଡ଼ିଶାର ପାରମ୍ପରିକ ସାମଗ୍ରୀର ଆଉ ସେଭଳି ବ୍ୟବହାର ହେଉନି। ଯାହାଫଳରେ ଏହାକୁ କୌଳିକ ବୃତ୍ତି କରିଥିବା କାରିଗର ଏଥିରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କ ଜୀବନ ଜୀବିକା ଅତ୍ୟନ୍ତ ଦୁର୍ବିସହ ହୋଇପଡିଛି। ଗଞ୍ଜାମ ଜିଲା ରମ୍ଭା ଏନ୍‌ଏସିରେ ବିଭିନ୍ନ ଅଞ୍ଚଳରେ କେତେକ ପରିବାର ବାଉଁଶ କାରିଗରୀ କରୁଛନ୍ତି। ବାଉଁଶରେ ସେମାନେ ୨୫ରୁ ଉର୍ଦ୍ଧ୍ୱ ବିଭିନ୍ନ ଜିନିଷ ଯଥା କୁଲା, ଗୁଲେଇ, ଟାଟ, ଚାଉଳଧୁଆ ଆଦି ଘରୋଇ ଉପକରଣ ତିଆରି କରିଥାନ୍ତି। ତେବେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ପରିବାରଗୁଡିକ ଦୁର୍ଦ୍ଦିନରେ ଦୁର୍ଦ୍ଦିନରେ ଥିବା ଜଣାପଡିଛି। ବାଉଁଶ କାରିଗରମାନେ ବିବାହ ଋତୁରେ ଡଲା, କୁଲେଇ ଆଦି ବିଭିନ୍ନ ମାଙ୍ଗଳିକ ଉପକରଣ ସହ ବନ ବିଭାଗ ପାଇଁ ବାଉଁଶ ନିର୍ମିତ ଚାରାର ସୁରକ୍ଷା ବାଡ଼ ତିଆରି କରୁଥିବା ବେଳେ ମତ୍ସ୍ୟଜୀବୀଙ୍କ ପାଇଁ ତାଟି, ଚାଞ୍ଚ, ଧାନ ରଖିବାକୁ ଡୋଲି ଆଦି ତିଆରି କରି ଯୋଗାଇଥାନ୍ତି। ଖାଲି ଏତିକି ନୁହେଁ ବାଉଁଶରୁ ବିଭିନ୍ନ ସୌଖିନ ସାମଗ୍ରୀ ମଧ୍ୟ ତିଆରି କରିଥାନ୍ତି। ବାଉଁଶ କାରିଗରଙ୍କୁ ତାଲିମ, ବାଉଁଶ ଯୋଗାଣ, ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା, ଋଣ ପ୍ରଦାନ ଆଦିର ବ୍ୟବସ୍ଥା ରହିଥିଲେ ମଧ୍ୟ ସେସବୁ ସୁବିଧା ପହଞ୍ଚି ପାରୁନାହିଁ। ଅନ୍ୟପଟେ ନିଜ ଉଦ୍ୟମରେ ବାଉଁଶ ଯୋଗାଡ଼ କରି ଯାହା ବି ତିଆରି କରୁଛନ୍ତି ସ୍ଥାନୀୟ ସାପ୍ତାହିକ ହୁମ୍ମା ହାଟରେ ସେଭଳି ବିକ୍ରିବଟା ମଧ ହେଉନାହିଁ। ବନ ବିଭାଗ ବିଭିନ୍ନ ସାମଗ୍ରୀ ନେଉଥିବା ବେଳେ ସରକାରୀ ସ୍ତରରେ ଅନ୍ୟ ସାମଗ୍ରୀର ବିକ୍ରି ବ୍ୟବସ୍ଥା କରାଯାଉ ନ ଥିବାରୁ କାରିଗର ହାତ ବାନ୍ଧି ବସି ରହିଛନ୍ତି। ଘରକରଣା ଜିନିଷରେ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ବଢିବାରୁ ବାଉଁଶ ତିଆରି ଜିନିଷର ଚାହିଦା କମିଯାଇଛି। ନିକଟସ୍ଥ ଜଙ୍ଗଲ କମିବା ଏବଂ ବାଉଁଶର ଦର ବୃଦ୍ଧି ଯୋଗୁଁ କାରିଗରମାନେ ସହଜରେ କଞ୍ଚାମାଲ ପାଉନାହାନ୍ତି। ଅଧିକ ପରିଶ୍ରମ ସତ୍ତ୍ୱେ ବଜାରରେ ଠିକ୍ ଦର ନମିଳିବାରୁ ପରିବାର ପ୍ରତିପୋଷଣ କଷ୍ଟକର ହେଉଛି। ତେଣୁ ଏହି ପାରମ୍ପରିକ କଳାକୁ ବଞ୍ଚାଇବା ପାଇଁ ସରକାରୀ ସହାୟତା ଓ ବଜାର ସୁବିଧା ନିହାତି ଆବଶ୍ୟକ ହୋଇପଡିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି ହୋଇଛି।

# ୨୧ରେ ୬୭ ବରକନ୍ୟାଙ୍କ ସାମୂହିକ ବିବାହ

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

**ଯାଜପୁର,୧୫।୪ (ହର୍ଷବର୍ଦ୍ଧନ ବେହେରା):**


ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ସଫଳ ରୂପାୟନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ଅଧୀନରେ ଆସନ୍ତା ଏପ୍ରିଲ ୨୧ରେ ଷଠିପୁରସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପରିସରରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସାମୂହିକ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ପୂର୍ବରୁ ବଛା ହୋଇଥିବା ୬୭ ବରକନ୍ୟାଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହେବ। କାର୍ଯ୍ୟକ୍ରମର ଠିକ ପରିଚାଳନା ପାଇଁ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଅନୁସୂଚିତ ଜାତି, ଜନଜାତି, ରାଶନ କାର୍ଡଧାରୀ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀ, ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ, ବିଧବା, ଦିବ୍ୟାଙ୍ଗଙ୍କ ମଧ୍ୟରୁ ବିବାହ ପାଇଁ ୬୭ ବର କନ୍ୟାଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବର କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ରାଶି ଦିଆଯାଉଛି। ଏପ୍ରିଲ ୨୧ ସକାଳ ୮ରୁ୯ଟା ମଧ୍ୟରେ ବରକନ୍ୟାଙ୍କ ଆଗମନ ସହ ରେଜିଷ୍ଟ୍ରେଶନ ହେବ। ଏହାପରେ ୯ଟା୪୫ରେ ଉଦ୍‌ଘାଟନୀ ସଭା ସହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଯାଏ ବିବାହ କର୍ମ ଚାଲିବ। ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ସ୍ୱତନ୍ତ୍ର ଭାବେ ବ୍ରାହ୍ମଣ ନିୟୋଜିତ ହେବା ସହ ପ୍ରାୟ ୧୪ ବିବାହ ବେଦୀ ପ୍ରସ୍ତୁତ କରାଯାଇଛି। ଏହାସହ ଶିଙ୍ଗ ବାଦ୍ୟ, ମହୁରୀ, ଶଙ୍ଖର ବ୍ୟବସ୍ଥା ମଧ କରାଯାଇଛି। ଅପରାହ୍ନ ୧ଟା୩୦ରେ ସାମୂହିକ ଭୋଜନ ଆୟୋଜନ ହେବ। ବର ଓ କନ୍ୟାଙ୍କ ସମ୍ପର୍କୀୟଙ୍କ ସମେତ ପ୍ରାୟ ୩୦୦୦ ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି। ଏଥିପାଇଁ ଆଇନ ଶୃଙ୍ଖଳା ସହ ପାର୍କିଂ ଇତ୍ୟାଦି ସୁପରିଚାଳନା ନିମନ୍ତେ ପୋଲିସ ଫୋର୍ସ ମୁତୟନ କରାଯିବ। ମନ୍ଦିର ପରିସରରେ ଅସ୍ଥାୟୀ ଟେଣ୍ଟ, ମିଟିଂ ହଲ, ଅତିଥି ହଲ, ରେଜିଷ୍ଟ୍ରେଶନ ହଲ, ଶୌଚାଳୟ, ପାନୀୟ ଜଳ ଇତ୍ୟାଦି ବ୍ୟବସ୍ଥା ହେବ। ଅଗ୍ନିଶମ ବାହିନୀ, ଅଗ୍ନି ନିର୍ବାପକ ଯନ୍ତ୍ର, ଆମ୍ବୁଲାନ୍ସ, ଫାଷ୍ଟ ଏଡ କିଟ ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ପ୍ରତିନିଧି, ବିଧାୟକ, ଏମ୍‌ପି ଏବଂ ମନ୍ତ୍ରୀଙ୍କୁ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲିଜା


@ ମନୋରଞ୍ଜନ


@ ଟିଙ୍କୁ


@ ବାପୁ


@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କରାଟେରେ ଯାଜପୁରକୁ ସଫଳତା



କରାଟେ ପ୍ରତିଯୋଗିତାରେ ସଫଳତା ପାଇଥିବା ଖେଳାଳି।

**କାଏମା,୧୫।୪ (ଶିବ ପ୍ରସାଦ ମହାନ୍ତି):**

ଖୋର୍ଦ୍ଧାରେ ଅନୁଷ୍ଠିତ ଆନ୍ତଃରାଜ୍ୟ କାନିନଜୁକୁ ଜାପାନ କରାଟେ ଶୋଟକାଇ ପ୍ରତିଯୋଗିତାରେ ଯାଜପୁର ପ୍ରତିଯୋଗୀଙ୍କୁ ସଫଳତା ମିଳିଛି। ଖୋର୍ଦ୍ଧାର ଜଟଣୀସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଯାଜପୁର ଜିଲାର ୧୫ଜଣ ବାଳିକାବାଳକ ଅଂଶ ଗ୍ରହଣ କରିଥିଲେ।

ଏଥିରେ କାଟା ଓ କୁମିତେ ଦୁଇଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାଟା ବିଭାଗରେ ରାଜଶ୍ରୀ ଦାଶ, ଦେବସ୍ମିତା ଦାଶ ଓ ସୂର୍ଯ୍ୟକାନ୍ତ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସଙ୍କେତ ବିଶ୍ୱାଳ, ସ୍ନେହା ମଲିକ, ଆଦିତ୍ୟ ଧନରାଜ, ପ୍ରକୃତି ପ୍ରିୟଦର୍ଶିନୀ ମଲିକ ଦିତୀୟ ସ୍ଥାନ ଓ ରିୟା ସେଠୀ, ସାଇ ସୂର୍ଯ୍ୟାଂଶ ସାହୁ, କାଜଲ କୁମାରୀ, ଉଦୟ କୁମାର ସିଂ, ବିବେକ ବିଶାଲ ବେହେରା, ସାହିଲ ଦାଶ ଓ ରାଜଶ୍ରୀ ଶୁଭଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କୁମିତେ ବିଭାଗରେ ସାଇ ସୂର୍ଯ୍ୟାଂଶ ସାହୁ, ସଙ୍କେତ ବିଶ୍ୱାଳ, ଉଦୟ କୁମାର ସିଂ, ଆଦିତ୍ୟ ଧନରାଜ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କାଜଲ କୁମାରୀ, ରାଜଶ୍ରୀ ଦାଶ, ସୂର୍ଯ୍ୟକାନ୍ତ ଦାସ ଦିତୀୟ ସ୍ଥାନ ଓ ରିୟା ସେଠୀ, ବିବେକ ବିଶାଲ ବେହେରା, ସାହିଲ ଦାଶ, ରାଜଶ୍ରୀ ଶୁଭଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ନାରାୟଣ ଗୋସାଇଁଙ୍କ ମଦନମୋହନ ବେଶ

**ରସୁଲପୁର,୧୫।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ସିଂହାପୁର ଯାତ୍ରା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରତ୍ୟୁଷରୁ ପ୍ରଭୁ ନାରାୟଣ ଗୋସାଇଁଙ୍କ ଅବକାଶ ପୂଜା, ତଡପଲଗି, ମହାସ୍ନାନ, ମଇଲମ, ବାଲଭୋଗ ଓ ଷୋଡ଼ଶ ଉପଚାର ପୂଜା ପରେ ରୁଦ୍ଧ ଦ୍ୱାର ପୂଜା କରାଯାଇଥିଲା। ପରେ ପ୍ରଭୁମଦନ ମୋହନବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏଥି ସହ ସୂର୍ଯ୍ୟନାରାୟଣ, ବାମନ ଓ ପର୍ଶୁରାମ ବେଶରେ ପ୍ରଭୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ଆଳତି ଓ ୭ଟାରେ ଗଜଉଦ୍ଧାରଣ ବେଶ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡି ବ୍ୟବସ୍ଥା କରାଯାଇଥିଲା। ରାତ୍ର ୧୧ଟାରେ ପ୍ରଭୁଙ୍କୁ ବଡ଼ସିଂହାର ବେଶ କରାଯାଇଥିଲା। ପ୍ରଭୁଙ୍କ ସମ୍ମୁଖ ଯଜ୍ଞ ମଣ୍ଡପରେ ଯଜ୍ଞ କାର୍ଯ୍ୟ ଜାରି ରହିଛି। କର୍ତ୍ତା ଭାବେ ଲକ୍ଷ୍ମୀଧର ମଲିକ ଓ ପାର୍ବତୀ ମଲିକ ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ଦୀପ୍ତିନାରାୟଣ ଶତପଥୀ, ଅଣାକାର ଦାଶ, ନାରାୟଣ ଶତପଥୀ ପ୍ରମୁଖ ନବଗ୍ରହ ମନ୍ତ୍ରରେ ଆହୁତି ପ୍ରଦାନ କରିଥିଲେ। ରାଜପୁରହିତ ନୀଳାମ୍ବର ପତି, ଶ୍ରୀନିବାସ ପଣ୍ଡା, ଯୋଗେନ୍ଦ୍ର ପାଢ଼ୀ, ବିକାଶ ପଣ୍ଡା, ହୃଦରଞ୍ଜନ ଶତପଥୀ, ଗୋଖନ ପଣ୍ଡା, ପାଗଳ ପଣ୍ଡା, ସଦାନନ୍ଦ ପଣ୍ଡା, ହେମନ୍ତ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ମେଳା ପଡ଼ିଆରେ ସନ୍ଧ୍ୟା ପରେ ଜନସମାଗମ ବୃଦ୍ଧି ପରିଲକ୍ଷିତ ହେଉଛି। ଶ୍ରଦ୍ଧାଳୁ ବିଭିନ୍ନ ଫାଷ୍ଟଫୁଡ ଓ ଦୋଳିର ମଜା ନେଉଛନ୍ତି।


ନାରାୟଣ ଗୋସାଇଁ।

# ଏଡିଏମ୍ ଅଫିସ, ଜଜ୍‌ଙ୍କ ଘରୁ ଚୋରିରେ ସମ୍ପୃକ୍ତ ଯୁବକ ଗିରଫ


ଏଡିଏମ୍ ଅଫିସ, ଜଜ୍‌ଙ୍କ ଘରୁ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ନିକଟରୁ ଜବତ ସାମଗ୍ରୀ।

**ବ୍ୟାସନଗର,୧୫।୪ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ ପୋଲିସର ନିଦ ହଜାଇ ଦେଇଥିବା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଲକ୍ଷ୍ମୀନଗର ହୁଡ଼ିସାହିର ଯୁବକ ଚଗଲା ପାତ୍ର ଓରଫ୍ ପପୁ(୪୫)ଙ୍କୁ ପୋଲିସ ଶେଷରେ ଗିରଫ କରିଛି। ତାଙ୍କ ନିକଟରୁ ୨ ଲାପଟପ, ୨ ମୋବାଇଲ ଫୋନ, ୨ ଟଙ୍କା ଗଣା ମେଶିନ, ଚାବି ଭାଙ୍ଗିବାର କିଛି ଯନ୍ତ୍ରପାତି ଓ ଆସବାପତ୍ର ଜବତ କରାଯାଇଛି। ଏନେଇ ବୁଧବାର ଯାଜପୁରରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, କିଛିଦିନ ପୂର୍ବରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା, ଯାଜପୁର ରୋଡ ଦୌରାଜଜଙ୍କ ବାସ ଭବନ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଯାଜପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଯାଜପୁରରୋଡ୍ ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଚଳାଇଥିଲା। ତଦନ୍ତବେଳେ ଏସବୁ ଚୋରିରେ ପପୁ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ଯାଜପୁରରୋଡ, କୁଆଖିଆ, ଜଗତପୁର ଓ ଘସିପୁରା ଥାନାରେ ପୃଥକ ଭାବେ ୩୩ ଅଭିଯୋଗ ରହିଛି। ଯାଜପୁରରୋଡ ଜଜ୍ ବିରଜା ପ୍ରସାଦ ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ନମ୍ବର ୨୧୫/୨୦୨୬ରେ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

# ଚୋରି ଅଭିଯୋଗରେ ଜଣେ ଗିରଫ

**କଳିଙ୍ଗନଗର,୧୫।୪(ଶୁଭାଶିଷ ରାଉତ):** ଦାନଗଦି ବଜାର ନିକଟ ମିଲିଟାରୀ ଛକରେ ଥିବା ବିଭିନ୍ନ ଗ୍ୟାରେଜରୁ ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ଦାନଗଦି ଫାଣ୍ଡି ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଯୁବକ ହେଲେ ଯାଜପୁର ରୋଡ ଥାନା ରାଛିପୁର ଗ୍ରାମର ଲକ୍ଷ୍ମଣ ଓଝା ଓରଫ ମୁନା(୨୨)। ଲକ୍ଷ୍ମଣ ପୂର୍ବରୁ ପ୍ରାୟ ୬୦ ଦାମୀ ମୋବାଇଲ ଫୋନ ଲୁଟ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏନେଇ ଏକ ମାମଲା ନଂ.୧୫୩/୨୬ ରୁଜୁ ହୋଇଛି।

# ଧର୍ମଶାଳା ପବ୍ଲିକ୍ ସ୍କୁଲ୍‌ର ଶତପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ


ବାଦଲ କୁମାର ନାୟକ


ପିନାକୀ ଜେନା


ପ୍ରଜ୍ଞା ପ୍ରିୟଦର୍ଶିନୀ


ଭୂଦେବ ପଣ୍ଡା।

ଧର୍ମଶାଳା ପବ୍ଲିକ୍ ସ୍କୁଲ୍‌ର ୯୫%ରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ର।

**ଧର୍ମଶାଳା,୧୫।୪(ବଟକୃଷ୍ଣ ପରିଡ଼ା):**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ୧୦ମ ବୋର୍ଡ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଧର୍ମଶାଳା ବ୍ଲକ ଶଙ୍ଖାରିଢ଼ିହସ୍ଥିତ ଧର୍ମଶାଳା ପବ୍ଲିକ୍ ସ୍କୁଲର ଶତପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷା ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୧ରେ ଶେଷେ ହୋଇଥିଲା। ଏହି ସ୍କୁଲର ୧୧୪ ଛାତ୍ରୀଛାତ୍ର ଯାଜପୁର ଜିଲା ବରୁଆଁସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୩ଜଣ ୯୦%ରୁ ଅଧିକ, ୮୫ଜଣ ୬୦%ରୁ ଅଧିକ ଓ ୧୬ଜଣ ୬୦%ରୁ କମ୍ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ସ୍କୁଲ୍ ଅଧ୍ୟକ୍ଷ ସବିତ୍ରୋ ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

୯୫ଭାଗରୁ ଅଧିକ ମାର୍କ ରଖି ପାସ କରିଥିବାପରୀକ୍ଷାର୍ଥୀ ହେଲେ ବାଦଲ ନାୟକ ୯୭.୮%, ପିନାକୀ ଜେନା ୯୬.୬%, ପ୍ରଜ୍ଞାପ୍ରିୟଦର୍ଶିନୀ ୯୫.୬% ଓ ଭୂଦେବ ପଣ୍ଡା ୯୬%। ସେହିପରି ଶ୍ରଦ୍ଧାସୁମନ ରାଉତ ୯୪%, ଚୀରସ୍ମିତା ସାହୁ ୯୧%, ରାଜନନ୍ଦିନୀ ନାୟକ ୯୨%, ସୁଧାଶ୍ରୀ ପଣ୍ଡା ୯୩%, ଶାଶ୍ୱତୀ ମହାନ୍ତି ୯୪%, ଶୁଭ୍ରାଂଶୁ ଆଚାର୍ଯ୍ୟ୯୦.୨%, ଚିନ୍ମୟିତା ବାରିକ ୯୧%, ଶୁଭଶ୍ରୀ ଜେନା ୯୦.୨% ଶୁଭଶ୍ରୀ ସାମଲ ୯୦.୧% ମାର୍କ ରଖିଛନ୍ତି। ଧର୍ମଶାଳା ପବ୍ଲିକ୍ ସ୍କୁଲ ୨୦୦୨ରେ ପ୍ରାଧ୍ୟାପକ ଭୀକାରୀ ଚରଣ ସାମଲଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ପ୍ରସାର ଘଟାଇବାରେ ପ୍ରମୁଖ ସ୍ଥାନ ଅଧିକାର କରିଛି। ଏହି ବିଦ୍ୟାଳୟ ଛାତ୍ରୀଛାତ୍ର ବିଗତ ୫ବର୍ଷ ଧରି ସିବିଏସ୍‌ଇ ପରୀକ୍ଷାରେ ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଷ୍ଠାତା ସାମଲ ସୂଚନା ଦେଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ପରେ ପରୀକ୍ଷାର୍ଥୀ ଓ ଅଭିଭାବକ ସ୍କୁଲ୍‌ରେ ଉପସ୍ଥିତ ରହି ଉତ୍ସବ ପାଳନ କରିଛନ୍ତି।

# ଯାଜପୁର ରୋଡ୍ ସିଏଚ୍‌ସି ନୂତନ ଗୃହର ଶିଳାନ୍ୟାସ

**ବ୍ୟାସନଗର,୧୫।୪ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ନୂତନ ଗୃହର ବୁଧବାର ଶିଳାନ୍ୟାସ କରାଯାଇଛି। କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ବିଧାୟକଙ୍କୁ କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ବ୍ୟାସନଗର ପୌରପରିଷଦର ବ୍ୟାସଦେବ ଟାଉନ ହଲଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ଶିଳାନ୍ୟାସସ୍ଥଳକୁ ପାଛୋଟି ଆଣିଥିଲେ। ବିଧାୟକ ଶୋଭାଯାତ୍ରାରେ ଆସୁଥିବାବେଳେ ଚୋରଦା ବାଇପାସରେ ଥିବା ଯାଜପୁର ରୋଡ ଟ୍ରକ ମାଲିକ ସଂଘର ଏକ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ସେଠାରୁ ଆସି ଚୋରଦା ବାଇପାସ ଛକଠାରେ କୋରେଇ ଭାଜପା ତରଫରୁ ଆୟୋଜିତ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ପରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନୂତନ ଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ନିର୍ମାଣ ନିମନ୍ତେ ଓଡ଼ିଶା ସରକାର ୧୬ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟକୁ ପୂର୍ତ୍ତ ବିଭାଗ କରିବ। ଆଗାମୀ ଦିନରେ କୋରେଇର ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟଜଳ, କ୍ରୀଡା, ଶିକ୍ଷା ସବୁ କ୍ଷେତ୍ରରେ ବିକାଶ ଧାରା ଜାରିରହିବ ବୋଲି ବିଧାୟକ କହିଥିଲେ।



ବିଧାୟକ ଆକାଶ ଦାସନାୟକ ଶିଳାନ୍ୟାସ କରୁଛନ୍ତି।

ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଗୌତମ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ପୂର୍ତ୍ତ ବିଭାଗର ସମସ୍ତ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ସ୍ଥାନୀୟ କାଉନସିଲର ଭରତ ଓଝା, କାଉନସିଲର ମଣିନ୍ଦ୍ର ସାହୁ, ଅଶୋକ ରାଉତ, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ଯୁବମୋର୍ଚ୍ଚା ସଭାପତି ଜିତେନ୍ଦ୍ର ବେହୁରା, ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ରାଉତ, ଭାଜପା ନେତା ପ୍ରସନ୍ନ ସାମଲ, ବିଧାୟକଙ୍କ ପ୍ରତିନିଧି ଶିଶିର ରାଉତ, ଏମ୍‌ପିଙ୍କ ପ୍ରତିନିଧି ନିରଞ୍ଜନ ଘଡାଇ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଗୀତା ନାୟକ, ନିବେଦିତା ଜେନା, ରାନୀ ସାମଲ, ସଂଗୀତା ପ୍ରଧାନ ଓ ତିଲୋତମା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ନେତୃତ୍ୱ ପାଇଁ ପାଟକୁରାରେ ବଳ କଷାକଷି

କେନ୍ଦ୍ରାପଡା, ୧୫।୪ (ଜଗନ୍ନାଥ ଧଳ)

ଗତ ଜାନୁଆରୀ ୧୫ ତାରିଖରୁ ଅଦ୍ୟାବଧି ପାଟକୁରା ନିର୍ବାଚନ ମଣ୍ଡଳୀର ରାଜନୈତିକ ନେତୃତ୍ୱ ସମ୍ପର୍କରେ ଚର୍ଚ୍ଚା ଚାଲିଛି। ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ବିଜେଡିରୁ ନିଲମ୍ବନ ପରେ ସ୍ଥାନୀୟ ରାଜନୀତି ଚଳଞ୍ଚଳ ହୋଇଛି। ଇତିମଧ୍ୟରେ ଏଠାରେ ଭବିଷ୍ୟତ ରାଜନୈତିକ ନେତୃତ୍ୱ ପାଇଁ ବହୁ ଦୃଶ୍ୟ ଦେଖିବାକୁ ମିଳିଲାଣି। ଗତ ୧୨ ତାରିଖରେ ଗରଦପୁର ବ୍ଲକ ଅଧ୍ୟକ୍ଷଙ୍କ ସହ ୧୧ ସରପଞ୍ଚ, ୯ ସମିତିସଭ୍ୟ, ୧୮ ପଞ୍ଚାୟତର ସଭାପତି ପ୍ରମୁଖ ବିଧାୟକଙ୍କ ସମର୍ଥକମାନେ ବିଜେଡି ସଭ୍ୟ ପଦରୁ ଇସ୍ତଫା ଦେଇ ରାଜ୍ୟ ସଭାପତି ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଏହା ପୂର୍ବରୁ ସେମାନେ ବିଭିନ୍ନ ସ୍ଥାନରେ ବୈଠକ ସହ ନିଲମ୍ବନ ଆଦେଶ ଉଠାଇବାକୁ ନବୀନ ନିବାସ ଯାଇଛନ୍ତି। ଗତ ୧୨ ତାରିଖରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ବିଧାୟକ ମହାପାତ୍ରଙ୍କୁ ଉତ୍ସସିତ ସମ୍ବର୍ଦ୍ଧନା ଆଗାମୀ ରାଜନୀତିରେ ଉଷ୍ମତା ଭରିଛି। ଅବଶିଷ୍ଟ ବିଜେଡି ନେତା ଓ କର୍ମୀ ମଧ୍ୟ ଏଠାରେ ପଛରେ ନାହାନ୍ତି। ଆସନ୍ତା ୧୭ ତାରିଖରେ ବିଜୁ ଜୟନ୍ତୀ ଦିବସକୁ ଧୂମଧାମରେ ପାଳନ ପାଇଁ ବିଜେଡି ଜିଲା ଯୁବ ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ପ୍ରସ୍ତୁତି ଚାଲିଛି।

ସେହିପରି ବିଜୁ ଲିଗାସୀକୁ ନେଇ ବରିଷ୍ଠ ନେତା ବିଜୟ ମହାପାତ୍ର ଓ ଅନ୍ୟମାନେ ଓଡ଼ିଶା ନାଗରିକ ମଞ୍ଚ ବ୍ୟାନରରେ ଭୁବନେଶ୍ୱର ଓୟୁଏଟି ଅଡିଟୋରିଅମରେ ଏକାଠି ହେବାକୁ ନିବେଦନ କରିଛନ୍ତି। ଯାହାର ପ୍ରଭାବ ସିଧାସଳଖ ପାଟକୁରା ନିର୍ବାଚନମଣ୍ଡଳୀରେ ଅନୁଭୂତ ହେବ ବୋଲି ଆଲୋଚନା ଚାଲିଛି। ୨୦୦୦ ସାଧାରଣ ନିର୍ବାଚନରେ ପାଟକୁରାରେ ତୃଣମୂଳ କଂଗ୍ରେସରୁ ତ୍ରିଲୋଚନ ବେହେରା ବିଧାୟକ ଥିଲେ। ଏହାକୁ ବାଦଦେଲେ ପାଟକୁରା ଓ ବିଜୁବାବୁଙ୍କ ସମ୍ପର୍କ ଯୋଗୁ ୧୯୮୦ ରୁ ଅଦ୍ୟାବଧି ଜନତା ପାର୍ଟି ଓ ବିଜେଡିର ଦବଦବା ଜାରି ରହିଛି। ୧୯୮୦ରେ ବିଜୁବାବୁ ବିଧାୟକ ହେବା ପରେ ବିଜୟ ମହାପାତ୍ରଙ୍କୁ ଉପନିର୍ବାଚନରେ ଜିତାଇଥିଲେ। ୨୦୦୦ ପର୍ଯ୍ୟନ୍ତ ବିଜୟ ମହାପାତ୍ର ବିଧାୟକ ଥିବା ବେଳେ ୨୦୦୪ରେ ଅତନୁ ସବ୍ୟସାଚୀ ନାୟକ, ୨୦୦୯ ଓ ୨୦୧୪ରେ ବେଦପ୍ରକାଶ ଅଗ୍ରୱାଲ, ୨୦୧୯ରେ ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ଓ ୨୦୨୪ରେ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ବିଧାୟକ ହୋଇଛନ୍ତି।

ଗରଦପୁର ବ୍ଲକର ୧୮ ପଞ୍ଚାୟତ, ଡେରାବିଶ ବ୍ଲକର ୨୬ ପଞ୍ଚାୟତ ସହ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତ ଏହି ନିର୍ବାଚନ ମଣ୍ଡଳୀରେ ଅଛି। ଗତ ସାଧାରଣ ନିର୍ବାଚନରେ ମାତ୍ର ୧୩୮୨୨ ଖଣ୍ଡ ଭୋଟରେ ପଛରେ ଥିବା ଭାଜପା ନିଜସ୍ୱ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ କରୁଛି। ଗତ ନିର୍ବାଚନର ପ୍ରାର୍ଥୀ ତେଜେଶ୍ୱର ପରିଡା ବିଭିନ୍ନ କାର୍ଯ୍ୟକ୍ରମକୁ ନେତୃତ୍ୱ ଦେଉଥିବା ବେଳେ ଆଶାୟୀ ପ୍ରାର୍ଥୀ ଉମାକାନ୍ତ ପଟ୍ଟନାୟକ, ପୂର୍ବତନ ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ମାନସ ମହାନ୍ତି ଓ ଶୋଭନ ଆଚାର୍ଯ୍ୟ ପ୍ରମୁଖ ଦଳୀୟ କାର୍ଯ୍ୟକ୍ରମକୁ ଆଗକୁ ନେଉଛନ୍ତି।

ସେହିପରି ବିଜେଡିରୁ ଏହି ଆସନ ପାଇଁ ଜିଲା ଯୁବ ସଭାପତି ରାଜେଶ ଦାସ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ନେତା ରବୀନ୍ଦ୍ର ସାମଲ ଓ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ପ୍ରାର୍ଥୀ ଚୟନ ଆଲୋଚନାରେ ଅଛନ୍ତି। କଂଗ୍ରେସରୁ ପୂର୍ବଥରର ରତିକାନ୍ତ କାନୁନଗୋ ଓ ରାଜ୍ୟ ପ୍ରବକ୍ତା ବିଭୂତିଭୂଷଣ ମହାପାତ୍ର ପ୍ରମୁଖ ସାଧାରଣ ନିର୍ବାଚନକୁ ପ୍ରାର୍ଥୀ ହେବାକୁ ଆଗଭର ଅଛନ୍ତି। ନିର୍ବାଚନ ମଣ୍ଡଳୀର ବିଧାୟକ ପଦ ଦୌଡରେ ପ୍ରାଧ୍ୟାପକ ଅଜୟ କୁମାର ରାଉତ ରହି ଅଞ୍ଚଳବାସୀଙ୍କ ସହ ୨୦୦୯ ରୁ ସମ୍ପର୍କ ରଖିଛନ୍ତି। ଅପରପକ୍ଷରେ ୨୦୨୯ରେ ୩୩ ପ୍ରତିଶତ ମହିଳା ପ୍ରାର୍ଥୀ ଦିଆଯିବ। ପାଟକୁରା ନିର୍ବାଚନମଣ୍ଡଳୀ ପାଇଁ ପୂର୍ବତନ ଡେରାବିଶ ବ୍ଲକ ଅଧ୍ୟକ୍ଷା କଳ୍ପନା ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ମନୀଷା ପଣ୍ଡା, ଡଲି ଶତପଥୀ, ମଧୁସ୍ମିତା ଅଗ୍ରୱାଲ, କନକଲତା କଣ୍ଡ ଓ ସ୍ୱରାଜଲକ୍ଷ୍ମୀ ସାମଲ ପ୍ରମୁଖ ଆଶାୟୀ ଅଛନ୍ତି। ତେବେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏହି ରାଜନୀତି ଅଙ୍କକୁ ସହଜ କରିବ ବୋଲି ଆଲୋଚନା ଜାରି ରହିଛି। ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଦ୍ଧାରଣ, ସଂରକ୍ଷଣ ସହ ନେତୃତ୍ୱଙ୍କ ପ୍ରଭାବ ଏଠାରେ ଆକଳନ କରାଯିବ।

ବିଜେଡିର ଗତ ୨୪ ବର୍ଷ ଶାସନ ମଧ୍ୟରେ ଦଳୀୟ ସଂଗଠନ ତୃଣମୂଳସ୍ତରରେ ଏବେ ମଧ୍ୟ ଶକ୍ତିଶାଳୀ ଅଛି। ଗତ ୩ ମାସ ମଧ୍ୟରେ ବିଧାୟକ ମହାପାତ୍ରଙ୍କ ନିଲମ୍ବନ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର କାରଣ ହୋଇଥିବା ବେଳେ କର୍ମୀଙ୍କୁ ସଂଗଠିତ କରିବା ବିଜେଡି ନେତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ସେହିପରି ଭାଜପା ରାଜ୍ୟ ଶାସନକୁ ଆସିବା ପରେ ଯୁବଗୋଷ୍ଠୀ ପରିବର୍ତ୍ତନ ଆଶା ରଖି ସାଂଗଠନିକ କାର୍ଯ୍ୟକୁ ସୁଦୃଢ଼ କରୁଛନ୍ତି। ବିଧାୟକ ମହାପାତ୍ରଙ୍କ ନିଲମ୍ବନ ପରେ ସମର୍ଥକମାନେ କେଉଁ ରାଜନୈତିକ ଦଳ ପ୍ରତି ଢ଼ଳିବେ ତାହା ଆଗାମୀ ପଞ୍ଚାୟତ ନିର୍ବାଚନ କହିବ। ରାଜ୍ୟ ରାଜନୀତିରେ ଏବେ ବିଜୁ ଲିଗାସୀକୁ ନେଇ ମୋଡ ଆସିଛି। ସେହିପରି କଂଗ୍ରେସ ଓ ବିଜେଡି ଏକାଠି ହୋଇ ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ଜାରି ରହିଛି। ଏପରି ସ୍ଥିତିରେ ଭୋଟରଙ୍କ ସ୍ଥିତି ଦୋଦୁଲ୍ୟମାନ ହେବ। ଭୋଟ ବିଭାଜନରେ ଦଳୀୟ ନେତୃତ୍ୱ ପ୍ରତି ସଙ୍କଟ ସୃଷ୍ଟି କରିବା ସହିତ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପଥ ପରିଷ୍କାର କରିବ ବୋଲି ଜିଲାରେ ଆଲୋଚନା ହେଉଛି।

## ମହାକାବ୍ୟ ନରକାସୁର ବଧ ଲୋକାର୍ପିତ

କେନ୍ଦ୍ରାପଡା, ୧୫।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବ୍ଲକ ଢୋଲ ପଞ୍ଚାୟତ ନଳପାରି ଗ୍ରାମର ଅଧ୍ୟାତ୍ମବାଦୀ କବି ଶରତ ଚନ୍ଦ୍ର ପରିଡାଙ୍କ ମହକାବ୍ୟ ନରକାସୁର ବଧ ବୁଧବାର ଲୋକାର୍ପିତ କରାଯାଇଛି। ଏହି ମହାକାବ୍ୟକୁ ଭୁବନେଶ୍ୱରସ୍ଥ ଆବାସିକ କାର୍ଯ୍ୟାଳୟ ପରିସରରେ ବାଚସ୍ପତି ସୁରମା ପାଢ଼ୀ ଲୋକାର୍ପଣ କରିଛନ୍ତି। ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ସମ୍ପାଦକ ହେମନ୍ତ କୁମାର ଜେନା ଏ ସମ୍ପର୍କରେ ସୂଚନା ଦେଇଛନ୍ତି, ମହାକାବ୍ୟର ରଚୟିତା ଶରତ ଚନ୍ଦ୍ର ଜଣେ ଧର୍ମ ପରାୟଣ ବ୍ୟକ୍ତି। ଦିର୍ଘଦିନ ଧରି ଦିବ୍ୟ ଜୀବନ ସଂଘ ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଚଳି ଆସିଛନ୍ତି। ତାଙ୍କର ଏହି ମହାକାବ୍ୟ ପ୍ରାଚୀନ ଛନ୍ଦ ଓ ଶୈଳୀରେ ଲେଖାଯାଇଛି। ଦ୍ୱାପର ଯୁଗରେ ନରକାସୁରଙ୍କ ସହ ଶ୍ରୀକୃଷ୍ଣ ଓ ସତ୍ୟଭାମାଙ୍କ ସହ ଲଢ଼େଇ ଠାରୁ ଆରମ୍ଭ କରି ଅଧୁନା ପ୍ରଚଳିତ ନରକ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ବିଷୟବସ୍ତୁ ଏଥିରେ ସମ୍ମିଳିତ କରାଯାଇଛି। ସେ ଦୀର୍ଘଦିନ ଧରି ଏନେଇ ଗବେଷଣା କରୁଥିଲେ ବୋଲି ସମ୍ପାଦକ ଜେନା ସୂଚନା ଦେଇଛନ୍ତି। ବାଚସ୍ପତି ପାଢ଼ୀ ଓଡିଆ ସାହିତ୍ୟ ଭଣ୍ଡାରରେ ଏକ ସମୃଦ୍ଧ ସମ୍ପତ୍ତି ଭାବେ ଏହି ମହାକାବ୍ୟ ରହିବ ବୋଲି କହିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ତଥା ସାହିତ୍ୟିକ ଦାଶରଥି ଶତପଥୀ, ବହୁଭାଷୀ କବି ସଞ୍ଜୟ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଚସ୍ପତି ପାଢୀ ରଚୟିତା ଶରତ ଚନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ସଭାପତି କାଶୀନାଥ ରାଉତରାୟ, ସାମାଜିକ କର୍ମୀ ସଞ୍ଜୟ ମିଟୁ ଜେନା, ଅକ୍ଷୟ କୁମାର ତରାଇ ପ୍ରମୁଖ ସାମିଲ ହୋଇଥିଲେ।



ଅତିଥିମାନେ ନରକାସୁର ବଧ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ୫୬ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମନ୍ତ୍ରୀ



ନିଯୁକ୍ତିପତ୍ର ପ୍ରଦାନ ଅବସରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟମାନେ।

### ଜିଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ

ଜଗତ୍‌ସିଂହପୁର/କୁଜଙ୍ଗ, ୧୫।୪ (ପ୍ରମୋଦ କୁମାର ନାୟକ/ମନୋଜ ପ୍ରଧାନ)

ଜଗତ୍‌ସିହ୍ପୁର ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା (ସାଇଲୋ) ସ୍ଥିତ ମିନି ଷ୍ଟାଡିୟମଠାରେ ନିଯୁକ୍ତି ମେଳା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଅତିଥିମାନେ ନିଯୁକ୍ତି ମେଳାରେ ଲାଗିଥିବା ଷ୍ଟଲ୍ ବୁଲି ନିଯୁକ୍ତିଦାତାମାନଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀ ସ୍ଥାନୀୟ ଶିଳ୍ପ ପ୍ରତିଷ୍ଠାନଗୁଡିକୁ ଜିଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବାକୁ ପରାମର୍ଶ ଦେଇଥିଲେ। ଯୁବପିଢ଼ିଙ୍କୁ ଦକ୍ଷ ହୋଇ ନିଯୁକ୍ତି କ୍ଷମ ହେବାକୁ ଉପଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଇର୍ଣ୍ଟର୍ନଶିପ୍ ଯୋଜନା ମାଧ୍ୟମରେ ସ୍ଥାନୀୟ ଶିଳ୍ପଗୁଡ଼ିକରେ ତାଲିମ ନେବାକୁ ମଧ୍ୟ ଉତ୍ସାହିତ କରିଥିଲେ। ଏଥିରେ ଜଗତ୍‌ସିଂହପୁର ଜିଲା ଓ ଜିଲା ବାହାରୁ ୧୮୮୬ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ମନପସନ୍ଦର ନିଯୁକ୍ତି ସଂସ୍ଥା ବାଛିଥିଲେ। ୫୬ ଆଶାୟୀଙ୍କୁ ମନ୍ତ୍ରୀ ସ୍ୱାଇଁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପାରାଦୀପର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସାହୁ ଓ ଶାରଳା ମହାବିଦ୍ୟାଳୟ ରାହାମାର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍ ପକ୍ଷରୁ ପାଲ୍ଲାନି ସାମି ଭେଲୁସାମି, ସୁମିତ ସେନାପତି, ଶୁଭେନ୍ଦୁ ବିଶ୍ୱାଳ ଉପସ୍ଥିତ ଥିଲେ। ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ସଭାର ସଭାପତିତ୍ୱ କରିଥିଲେ। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୫୪ଟି ସରକାରୀ ଓ ବେସରକାରୀ ସଂସ୍ଥା ଉପସ୍ଥିତ ରହି ନିଯୁକ୍ତି ପାଇଁ ଯୁବପିଢିଙ୍କୁ ମନୋନୀତ କରିଥିଲେ। ଜିଲା ଦକ୍ଷତା ବିକାଶ କାର୍ଯ୍ୟାଳୟ ପକ୍ଷରୁ ଅଶୋକ କୁମାର ମଲ୍ଲୁଆଳ, ସଞ୍ଜୟ ପରିଡ଼ା, ସମ୍ବିତ ନାୟକ, ଦିବ୍ୟଜ୍ୟୋତି ମହାପାତ୍ର, ଅଶୋକ କହ୍ନର, ଅଜିତ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଶ୍ରୀ ଶ୍ରୀ ରାଧାରମଣଦେବଙ୍କ ଆବିର୍ଭାବ ମହୋତ୍ସବ ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ, ୧୫।୪(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ପ୍ରଭୁ ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କ ଶୁଭ ଆବିର୍ଭାବ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମଠ ମହନ୍ତ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାଧାରମଣ ଦେବ, ଶ୍ରୀଜଗନ୍ନାଥ,ବଳଭଦ୍ର, ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ଯଥାରୀତି ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ନବରାତ୍ର ନାମ ସଂକୀର୍ତ୍ତନ ଯଜ୍ଞ ୫ ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ଚୈତନ୍ୟ ଭାଗବତ ପାଠ, ୧୦ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ସହ ୧୦୮ ମହନ୍ତ ହୃଷୀକେଶ ଦାସଙ୍କ ସ୍ମରଣ ଉତ୍ସବ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ମଠ ମହନ୍ତଙ୍କ ପୌରହିତ୍ୟ ଓ ସାଧନାର ସ୍ୱରୂପ ସମ୍ପାଦକ ପଣ୍ଡିତ ଦେବବ୍ରତ ଦେବତାଙ୍କ ସଂଯୋଜନାରେ ଆୟୋଜିତ ସତ୍‌ସଙ୍ଗ ନାମ ଯଜ୍ଞ ପ୍ରବଚନ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବା ବେଳେ ୧୪ ତାରିଖରେ ନଗର କୀର୍ତ୍ତନ, ସତକ୍ଷୋତର ନୂତନ ଘଟ ଦ୍ୱାରା ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କ ଅଭିଷେକ, ଗୁଣାନୁକୀର୍ତ୍ତନ ଓ ଭୋଗାରଧନା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ପରେ ମହୋତ୍ସବ ଉଦଯାପିତ ହୋଇଛି। କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ଅମ୍ବୁଜ ଭୂଷଣ ନାୟକ,ପ୍ରସନ୍ନ ତ୍ରିପାଠୀ ମୃତ୍ୟୁଞ୍ଜୟ ସୂତାର, ଭୋଳାନାଥ ପାଣ୍ଡେ ଓ ରାଧାରମଣ ପ୍ରସାଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



ଶ୍ରୀଶ୍ରୀ ରାଧାରମଣ ଦେବ।

## ଆସ ବହିଟିଏ କିଣିବା, ଆମ ଲୋକକଳା କାର୍ଯ୍ୟକ୍ରମ

ରାଜନଗର, ୧୫।୪ (ଭାସ୍କର ରାଉତରାୟ):

ରାଜନଗର ବ୍ଲକ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା ଓ ଆମ ଲୋକକଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା କଥାକାର ପ୍ରଦୀପ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ନିରଞ୍ଜନ ଶତପଥୀ, ସମ୍ମାନୀତ ବକ୍ତା ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ହାତୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ନାୟକ ବର୍ତ୍ତମାନ ସମାଜ ଯେତେ ଆଗକୁ ଗଲେ ବି ଲିଖନ ଓ ପଠନର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ମହାପାତ୍ର ପୁସ୍ତକ ପଠନ ଦ୍ୱାରା ସୃଜନଶୀଳତାର ବିକାଶ ହୁଏ ବୋଲି କହିଥିଲେ। ଏହି ଅବସରରେ କଥାକାର ନାୟକ, ଶିକ୍ଷାବିତ୍ ମହାପାତ୍ର, କଥାକାର ଅଧ୍ୟାପକ ରତ୍ନାକର ନାୟକ, କବି ପ୍ରେମାନନ୍ଦ ଖଣ୍ଡୁଆଳ, କବି ଅଭିରାମ ସାହୁ, କବି ଲିଙ୍ଗରାଜ ରଥ, ସ୍ତମ୍ଭକାର ଶତପଥୀ, ସୁକାନ୍ତ କୁମାର ତ୍ରିପାଠୀ, ସ୍ୱର୍ଗତ ବାସୁଦେବ ମିଶ୍ର, ଯୁବକବି ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରମୁଖଙ୍କ ଗଳ୍ପ, କବିତା ଓ ପ୍ରବନ୍ଧ ପୁସ୍ତକକୁ ମହାବିଦ୍ୟାଳୟର ପାଠାଗାର ପାଇଁ ପୁସ୍ତକଗୁଡ଼ିକୁ କ୍ରୟ କରାଯାଇଥିଲା। ଅଧ୍ୟାପିକା ତନୁଶ୍ରୀ ମିଶ୍ର ପୁସ୍ତକ ସମୀକ୍ଷା କରିଥିଲେ। ଛାତ୍ରୀ ଇନ୍ଦୁମତୀ ଓ ଶୁଭଶ୍ରୀ ଲୋକକଳା ଉପରେ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ, ଅରୁଣ କୁମାର ରାଉତ, ଅମର କୁମାର ସ୍ୱାଇଁ, ଅଭିରାମ ଦାସ ଓ ଦୟାନିଧି ସାହୁ ପ୍ରମୁଖଙ୍କ ସହ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

## ଏଚ୍‌ଏନ୍‌ଏସ୍ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଡେରାବିଶ, ୧୫।୪(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ପ୍ରଭାକର ଦାସ ଓ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୨୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କଟକ ବଡ଼ ଡ଼ାକ୍ତରଖାନା ରକ୍ତଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ପ୍ରାଧ୍ୟାପକ ବିନୟ କୁମାର ଷଡଙ୍ଗୀ, ଅଧ୍ୟାପିକା ଶ୍ରୀମତୀ ଦାସ, ମୀନାକ୍ଷୀ ପ୍ରଧାନ, ଝରାଶ୍ରୀ ପରିଜା, ମନୀଷା ମହାରଣା, ଶାଶ୍ୱତୀ ପ୍ରଜ୍ଞା ସାହୁ ଓ ମନୀଷା ଦାସଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ଭାଜପା ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳନ

ପାଟକୁରା,୧୫।୪(ରବୀନ୍ଦ୍ର ନାଥ ବାରିକ)

ସମ୍ବିଧାନ ପ୍ରଣେତା ଡ଼.ବି.ଆର. ଆମ୍ବେଡ଼କରଙ୍କ ଜୟନ୍ତୀ ଉତ୍ସବ ପାଟକୁରା ଭାଜପା ମଣ୍ଡଳ ପକ୍ଷରୁ ପାଳିତ ହୋଇଯାଇଛି। ଗରଦପୁର ବ୍ଲକ ଅଧୀନ ବ୍ରହ୍ମପୁରଠାରେ ସ୍ଥାପନ ହୋଇଥିବା ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ନେତୃମଣ୍ଡଳୀ ପୁଷ୍ପମାଲ୍ୟ, ଧୂପ, ଦୀପ ଲଗାଇ ମହାନ ରାଷ୍ଟ୍ରନେତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ ଆମ୍ବେଡ଼କରଙ୍କ ସ୍ମୃତି ଚାରଣ କରି କହିଥିଲେ, ଭାରତର ସମ୍ବିଧାନକୁ ଯେଭଳି କଷ୍ଟ ସ୍ୱୀକାର କରି ସେ ପ୍ରଣୟନ କରିଥିଲେ ତା'ର ଉଚ୍ଚ ପ୍ରଶଂସା କରିଥିଲେ। କେନ୍ଦ୍ରାପଡା ଜିଲା ଭାଜପା ଉପ ସଭାପତି ବିଜୟ ନାୟକ, ଜିଲା ପରିଷଦ ସଭ୍ୟା ଡଲି ଶତପଥୀ, ଅଭିରାମ ସେଠୀ, ବିଜୟ କୁମାର ବାରିକ, ଗୀରିଶ ଜେନା, ଅତନୁ ପଣ୍ଡା, ଅନିଲ କୁମାର ପାଣି, କୁସୁମ ମହାପାତ୍ର, ସିଲସିଲା ବେହେରା, ବିଜୟ ବେହେରା, ବିପିନ ବିହାରୀ ସାହୁ ଓ ଗଙ୍ଗାଧର ସେଠୀ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।



ଭାଜପା ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲିଜା



@ ମନୋରଞ୍ଜନ



@ ଟିକୁ



@ ବାପୁ



@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଶ୍ୱ ଓଡ଼ିଆ ମହାସଂଘ ପକ୍ଷରୁ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

ରଘୁନାଥପୁର, ୧୫।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ସଞ୍ଜୀବ ଦାସ (୪୮)ଙ୍କୁ ବିଶ୍ୱ ଓଡ଼ିଆ ମହାସଂଘ ପକ୍ଷରୁ ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ମହାସଂଘର ସଭାପତି ଡ. ସୁରେନ୍ଦ୍ରନାଥ ମହାପାତ୍ର ତାଙ୍କ ଘରେ ପହଞ୍ଚି ଏହି ସାଇକେଲ ପ୍ରଦାନ କରିଛନ୍ତି। ଭିନ୍ନକ୍ଷମ ବ୍ୟକ୍ତି ସଞ୍ଜୀବ ଯାତାୟାତ ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ଥିଲେ। ନିଜେ ଏକୁଟିଆ କେଉଁ ଆଡକୁ ଯାଇ ପାରୁ ନ ଥିଲେ। ମହାସଂଘର ସଭାପତି ଡ. ମହାପାତ୍ର ଏହି ଖବର ପାଇବା ପରେ ସଞ୍ଜୀବଙ୍କ ସହ ଯୋଗାଯୋଗରେ ରହି ତାଙ୍କୁ ସାଇକେଲ ଦେଇଥିଲେ। ଏହି ସାଇକେଲର ମୂଲ୍ୟ ୧ ଲକ୍ଷ ଟଙ୍କା ରହିଛି। ସାଇକେଲ ପାଇ ସଞ୍ଜୀବ ଅତ୍ୟନ୍ତ ଖୁସିଥିବା ଏବଂ ଏଥିପାଇଁ ସେ ଡ. ମହାପାତ୍ରଙ୍କ ନିକଟରେ କୃତଜ୍ଞ ବୋଲି ପ୍ରକାଶ କରିଛନ୍ତି।

## ଓଡ଼ିଆ ଅସ୍ମିତାର ଝଲକ ଜମ୍ବୁ ଦ୍ୱୀପ ମହୋତ୍ସବ

ମହାକାଳପଡ଼ା,୧୫।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ବଙ୍ଗୋପସାଗର ତଟ ଦେଶର ଐତିହାସିକ ଜମ୍ବୁ ଦ୍ୱୀପ ମହୋତ୍ସବ ୨୦୨୬ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲାର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ପୀଠଠାରେ ଜିଲା ପ୍ରଶାସନ ତରଫରୁ ଦ୍ୱିତୀୟ ବାର୍ଷିକ ଜମ୍ବୁ ଦ୍ୱୀପ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଥିରେ ଓଡ଼ିଶାର କୋଣ ଅନୁକୋଣର ବଛା ବଛା କଳାକାରମାନେ ସେମାନଙ୍କ କଳା କୃତି ପ୍ରତିଭା ପ୍ରଦର୍ଶନ କରୁଛନ୍ତି ବୋଲି ଆୟୋଜକମାନଙ୍କ ପକ୍ଷରୁ କୁହାଯାଇଛି। ବୁଧବାର ପ୍ରଥମ ସନ୍ଧ୍ୟାରେ ଆୟୋଜିତ ମହୋତ୍ସବରେ ପ୍ରଥମେ ଜଗନ୍ନାଥ ଓ ମା' ରାମଚଣ୍ଡୀଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପ୍ଲାନିଂ କମିଟି ସଭାପତି ତଥା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ଓଡ଼ିଆ ଅସ୍ମିତାର ଝଲକ ଜମ୍ବୁ ଦ୍ୱୀପ ମହୋତ୍ସବ ଜିଲାର ଗର୍ବ ଓ ଗୌରବର ପ୍ରତୀକ। ମହୋତ୍ସବର ଅନ୍ୟତମ ଅତିଥି ଭାବରେ ଜିଲାପାଳ ରଘୁରାମ ଆର ଆୟର, ଉପ ଜିଲାପାଳ ଅରୁଣ କୁମାର ନାୟକ, ଜିଲା ଭାଜପା ସଭାପତି ତଥା ଏମ୍‌ପି ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ବ୍ଲକ ଅଧ୍ୟକ୍ଷା ମୀରା ରାଣୀ ମହାନ୍ତି ଓ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଉପସ୍ଥିତ ଅତିଥିମାନେ ମହୋତ୍ସବ ଐତିହାସିକ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାଜପା ନେତୃମଣ୍ଡଳୀଙ୍କ ମଧ୍ୟରେ ବ୍ଲକ ଆମ୍ମା ଅଧ୍ୟକ୍ଷ ହିମାଂଶୁ ଶେଖର ପ୍ରଧାନ, ପ୍ରଶାନ୍ତ କୁମାର ସେଠୀ, ସରୋଜ କାନ୍ତ ସାହୁ,ଚନ୍ଦ୍ରକାନ୍ତ ସ୍ୱାଇଁ, କ୍ରିଷ୍ଣ ପଦ ମଣ୍ଡଳ, ରଞ୍ଜନ ଚୌଧୁରୀ, ଶିଶିର ରାଉତ ଓ ପବିତ୍ର ଚୌଧୁରୀଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ ଓ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।



ମା' ରାମଚଣ୍ଡୀ ପୀଠରେ ଜମ୍ବୁଦ୍ୱୀପ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

### ବିଧାୟକଙ୍କ ଦ୍ୱାରା ମହୋତ୍ସବ ଉଦ୍‌ଘାଟିତ

### ପ୍ରଥମ ସନ୍ଧ୍ୟାରେ ନୃତ୍ୟ, ସଙ୍ଗୀତ ପରିବେଷଣ

# ୧୧ ଛାତ୍ରୀଛାତ୍ର ଟିସି ନେବାକୁ ଆବେଦନ କଲେ

■ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣାକୁ ୩ ଦିନ ବିତିଲା

■ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି ତେଜିଲା

ନୟାଗଡ଼,୧୫।୪(ଲୋକନାଥ ମିଶ୍ର)

ଛାତ୍ରୀଛାତ୍ରଙ୍କୁ ପାଠ ନ ପଢ଼ାଇ ପ୍ରଧାନଶିକ୍ଷୟତ୍ରୀ ଦୁର୍ବ୍ୟବହାର କରିବା, ସ୍କୁଲର ସରକାରୀ ଅନୁଦାନକୁ ହଡପ କରିବା ପରି ଅଭିଯୋଗକୁ ନେଇ ପ୍ରଧାନଶିକ୍ଷୟତ୍ରୀଙ୍କ ବଦଳି ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ୩ ଦିନ ହେଲା ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ନୟାଗଡ ଜିଲା ଓଡଗାଁ ବ୍ଲକ ଗୋଡିପଲ୍ଲୀ ପଞ୍ଚାୟତ ଚଢ଼େୟାପଲ୍ଲୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଏପରି ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ୧୧ ଛାତ୍ରୀଛାତ୍ର ଟିସି ନେବାକୁ ଦରଖାସ୍ତ ଦେବା ପରେ ଏହି ବିବାଦ ତୀବ୍ର ରୂପ ଧାରଣ କରିଛି।। ସ୍କୁଲରେ ଶୈକ୍ଷିକ ପରିବେଶ ଫେରାଇ ଆଣିବା, ସ୍କୁଲରେ ଅଷ୍ଟମ ଶ୍ରେଣୀ ଆଡିମଶନ କରାଇବା, ନବମ ଶ୍ରେଣୀ ପାସ କରିଥିବା ଛାତ୍ରୀଛାତ୍ର କିପରି ଟିସି ନେବେ ନାହିଁ ତାର ପ୍ରତିକାର କରିବା ଆଦି ଦାବି ଦାବି ରଖି ସ୍କୁଲ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବୁଧବାର ଭେଟିଛନ୍ତି।

ଚଢ଼େୟାପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ୩ଟି ଶ୍ରେଣୀ ରହିଛି। ବିଦ୍ୟାଳୟରେ ପାଠ ପଢ଼ା ହେଉ ନ ଥିବାରୁ ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ଛାତ୍ରୀଛାତ୍ରମାନେ ଏଠାରେ ଆଡିମିଶନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏନେଇ ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ସ୍ୱାଇଁ କୁହନ୍ତି, ଚଢ଼େୟାପଲ୍ଲୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବରେ ସ୍ନିଗ୍ଧାରାଣୀ ମହାପାତ୍ର ସ୍କୁଲ ହେବାଠାରୁ କାର୍ଯ୍ୟ କରି ଆସୁଛନ୍ତି। ବିଦ୍ୟାଳୟରେ ପାଠ ପଢ଼ା ନ ହେବା, ବିଦ୍ୟାଳୟ ପାଇଁ ଆସିଥିବା ସରକାରୀ ଅନୁଦାନଙ୍କୁ ଖର୍ଚ୍ଚ ନ କରି ସେ ଆତ୍ମସାତ କରିବା ଏବଂ ବିଦ୍ୟାଳୟକୁ ନିୟମିତ ନ ଆସିବା ନେଇ ତାଙ୍କୁ ବହୁବାର ଅବଗତ କରାଇଛୁ। ପରିଚାଳନା କମିଟି ବୈଠକରେ ମଧ କହିଛୁ। ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କୁ ୨୦୨୫ରେ ଜଣାଇ କିଛି ସୁଫଳ ମିଳିନାହିଁ। ପରିଚାଳନା କମିଟି ନିର୍ଦ୍ଦେଶକୁ ପ୍ରଧାନଶିକ୍ଷୟିତ୍ରୀ ମାନୁନାହାନ୍ତି କି ଶୈକ୍ଷିକ ପରିବେଶ ଫେରାଇ ଆଣିବାରେ ସହଯୋଗ କରୁନାହାନ୍ତି। ଛାତ୍ରୀଛାତ୍ର ଓ ପରିଚାଳନା କମିଟି ସଦସ୍ୟଙ୍କୁ ଦୁର୍ବ୍ୟହାରକରୁଛନ୍ତି। ବିଦ୍ୟୁତ୍ ଦେୟ ପୈଠ ଲନ ହେବାରୁ ଚଳିତ ବର୍ଷ ବିଦ୍ୟତ୍ ବିଭାଗ ଲାଇନ କାଟି ଦେଇଛି। ଛାତ୍ରୀଛାତ୍ରମାନେ ବହୁ କଷ୍ଟ ଭୋଗୁଛନ୍ତି। ଏହାର ମଧ ସମାଧାନ କରାଯାଉନି। ପିଲାଙ୍କ ପାଠପଢ଼ାର ସୁବିଧା ପାଇଁ ଲାଇବ୍ରେରୀ ବ୍ୟବସ୍ଥା ଏଯାଏ ହେଲାନି। ଚଳିତବର୍ଷ ୧୧ଜଣ ଅଷ୍ଟମର ନବମ ଶ୍ରେଣୀ ପାସ କରିଥିବା ଛାତ୍ରୀଛାତ୍ର ଟିସି ନେବାକୁ ଆବେଦନ କରିଛନ୍ତି। ଏହା ହେଲେ ଆଗାମୀ ଦିନରେ ଆମ ଗାଁରେ ବିଦ୍ୟାଳୟ ବନ୍ଦ ହୋଇଯିବ। ଏସବୁର ପ୍ରତିବାଦରେ ୩ ଦିନ ହେଲା ଧାରଣା ଚାଲୁ ରହିଛି। ବୁଧବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଜଣାଇଛୁ। ସ୍କୁଲ ଗୁରୁବାର ଖୋଲିବା ପାଇଁ ନିଷ୍ପତ୍ତି ନେଇଛୁ। ଗୁରୁବାର ସବୁ ସମସ୍ୟା ନେଇ ଆଲୋଚନା କରାଯିବ।




ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଧାରଣା।

ଏ ସମ୍ପର୍କରେ କେତେ ଜଣ ଛାତ୍ର କହନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ମନଇଛା ବିଦ୍ୟାଳକୁ ଆସନ୍ତି। ସ୍କୁଲରେ ପାଠପଢ଼ା ଠିକରେ ହେଉନି। ଲାଇନ କଟି ଯାଇଥିବାରୁ କ୍ଲାସରେ ବସିବା କଷ୍ଟ ହେଉଛି। କମ୍ପ୍ୟୁଟର କ୍ଲାସ ମନଇଛା କରାଯାଉଛି। ପାଠପଢ଼ା ନେଇ କିଛି କହିଲେ ଖରାପ ବ୍ୟବହାର କରୁଛନ୍ତି। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ରଙ୍କୁ ପଚାରିବାରୁ ସେ ଗାଁଲୋକ, ପରିଚାଳନା କମିଟିର ଅଭିଯୋଗକୁ ଖଣ୍ଡନ କରିଥିଲେ। ସେ କହିଥିଲେ ମୁଁ କିଛି ମନୋମୁଖୀ କାର୍ଯ୍ୟ କରୁନି। ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଜଣକୁ ଦାୟିତ୍ୱ ଦେଇଛି। ଡ୍ରେସ କଥା ଅନ୍ୟଜଣେ ଶିକ୍ଷକଙ୍କୁ ନେଇଛନ୍ତି। ମୋ ବିରୋଧରେ କାହିଁକି ଷଡଜନ୍ତ୍ର କରାଯାଉଛି ମୁଁ ବୁଝିପାରୁନାହିଁ ବୋଲି କହିଛନ୍ତି। ଯଦି ଜିଲା ଶିକ୍ଷା ଅଧିକାରୀ ଚିଠି କରନ୍ତି ତେବେ ସେ ବିଦ୍ୟାଳୟର ଟଙ୍କା ହିସାବ ଦେବା ସହ ଦାୟିତ୍ୱ ହସ୍ତାନ୍ତର କରିଦେବେ ବୋଲ ପ୍ରକାଶ କରିଛନ୍ତି।

## ଓଡ଼ଗାଁ ପ୍ରଥମ ଅଣ୍ଡର -୨୦ କ୍ରିକେଟ ଟୁର୍ନାମେଣ୍ଟ

# ଦ୍ୱିତୀୟ ଦଳ ଭାବେ ରଙ୍ଗଣିପାଟଣା ଫାଇନାଲରେ



ଅତିଥିଙ୍କ ସହ ଖେଳାଳି ।

ଓଡ଼ଗାଁ, ୧୫।୪(ନାରାୟଣ ପାଣିଗ୍ରାହୀ)

ଓଡଗାଁ ମିନି ଷ୍ଟାଡିୟମରେ ରଘୁନାଥ ଆଥଲେଟିକ ଆସୋସିଏଶନ ଦ୍ୱାରା ଚାଲିଥିବା ପ୍ରଥମ ଅଣ୍ଡର ୨୦ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଦେଓଗାଁକୁ ହରାଇ ରଙ୍ଗଣିପାଟଣା ଦଳ ଫାଇନାଲରେ ପ୍ରବେଶ କରିଛି। ଦେଓଗାଁ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦ ଉଇକେଟ ବିନିମୟରେ ମାତ୍ର ୬୫ ରନ ସଂଗ୍ରହ କରିବା ପାଇଁ ସକ୍ଷମ ହୋଇଥିଲା। ଏହାର ଜବାବରେ ରଙ୍ଗଣିପାଟଣା ଦଳ ୮ ଓଭର ଖେଳି ମାତ୍ର ୧ ଉଇକେଟ ବିନିମୟରେ ୬୬ ରନ ସଂଗ୍ରହ କରି ୯ ଉଇକେଟରେ ବିଜୟୀ ହୋଇଥିଲା। ଫଳରେ ରଙ୍ଗଣିପାଟଣା ଦଳ ଦ୍ୱିତୀୟ ଦଳ ଭାବେ ଫାଇନାଲ ମ୍ୟାଚ ଖେଳିବା ପାଇଁ ସୁଯୋଗ ହାସଲ କରିଛି। ଆଜିର ଖେଳରେ ଗୁଡୁ ୨ ଓଭରରେ ୪ ଉଇକେଟ ହାସଲ କରିବା ସହିତ ମାତ୍ର ୪ ରନ ସଂଗ୍ରହ କରିବା ପାଇଁ ସୁଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଖେଳରେ ରଘୁନାଥ ଆଥଲେଟିକ ଆସୋସିଏଶନର ଭେଟେରାନ ଖେଳାଳି ଦିନନାଥ ମାଝୀ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଫାଇନାଲ ମ୍ୟାଚ ରଘୁନାଥ ଆଥଲେଟିକ ଆସୋସିଏଶନ, ଓଡ଼ଗାଁ ସହିତ ରଙ୍ଗଣିପାଟଣା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଖେଳକୁ ରାମେଶ୍ୱର, ସୌମ୍ୟରଞ୍ଜନ, ତୋଫାନ, ସାଇ, ସୁନୀଲ, ଲିଟି, ରାଜଶେଖର ଓ ବିଶଜିତ ପରିଚାଳନା କରିଥିଲେ।

# ଯୌତୁକ ନିର୍ଯାତନା ପରେ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଶରଣକୁଳ,୧୫।୪(ଦୀପକ କର)

ଯୌତୁକ ନିର୍ଯାତନା ପରେ ହତ୍ୟା ଅଭିଯୋଗରେ ଶରଣକୁଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ନନ୍ଦିଘୋର ପାଇକ ସାହିର ରମେଶ ପ୍ରଧାନଙ୍କ ଝିଅ ଜ୍ୟୋତିର୍ମୟୀ ପ୍ରଧାନ ବୈଦିକ ରୀତିରେ ବଡ଼ପୁଟର ବସନ୍ତ କୁମାର ପ୍ରଧାନଙ୍କ ପୁଅ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କୁ ୨୦୧୫ ମେ ୧ରେ ବିବାହ କରିଥିଲେ। ବିବାହ ସମୟରେ ନଗଦ ୫୦ହଜାର ଟଙ୍କା, ୫ଟି ସୁନା ମୁଦି, ଗୋଟିଏ ଚେନ, ଗୋଟିଏ ସୁନାହାର, ଗୋଟିଏ ମଙ୍ଗଳସୂତ୍ର, ଦୁଇହଳ ରୂପା ପାଉଁଚି ସହ ଅନ୍ୟାନ୍ୟ ଆସବାବପତ୍ର ଯୌତୁକ ବାବଦକୁ ନେଇଥିଲେ। ବିବାହର ୨ ବର୍ଷ ପରେ ଜ୍ୟୋତିର୍ମୟୀଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ନେଇଥିଲା। ପୁଅ ଜନ୍ମ ପରେ ପ୍ରକାଶ ଜ୍ୟୋତିର୍ମୟୀଙ୍କୁ ବାପଘରୁ ୨ଲକ୍ଷ ଟଙ୍କା ଆଣିବାକୁ ଜୋର୍ ଦେଇ ଆସୁଥିଲେ। ଠିକା କାମ କରିବା ପାଇଁ ଟଙ୍କାର ଆବଶ୍ୟକତା ଥିବା କହି ସେ ଦାବିକରି ଆସୁଥିଲେ। ଟଙ୍କା ଆଣିବାକୁ ଜ୍ୟୋତିର୍ମୟୀ ମନାକରି ଦେବାରୁ ପ୍ରକାଶ ଏବଂ ତାଙ୍କ ବାପା ବସନ୍ତ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ୨୦୨୨ ସେପ୍ଟେମ୍ବର ରାତି ପ୍ରାୟ ୧୦ଟାରେ ପ୍ରକାଶ ଓ ବସନ୍ତ ତାଙ୍କ ଝିଅ ଜ୍ୟୋତିର୍ମୟୀଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ରମେଶ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଝିଅ ମରିଯାଇଥିବା ଖବର ପାଇ ରମେଶ ଓ ତାଙ୍କ ସ୍ତ୍ରୀଙ୍କ ସହ ତାଙ୍କ ପରିବାର ଲୋକେ ପ୍ରକାଶଙ୍କ ଘରେ ପହଞ୍ଚିଥିଲେ ହେଁ ପ୍ରକାଶ ତାଙ୍କ ଝିଅର ଶବ ସଂସ୍କାର କରି ସାରିଥିବା ଜାଣିବାକୁ ପାଇଥିଲେ। ଏ ନେଇ ମୃତ ଜ୍ୟୋତିର୍ମୟୀଙ୍କ ବାପା ଶରଣକୁଳ ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ଝିଅକୁ ଯୌତୁକ ନିର୍ଯାତନା ସହ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ କରୁଥିବାବେଳେ ବୁଧବାର ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଅଭିଯୁକ୍ତଙ୍କ ବାପାଙ୍କ ସମ୍ପର୍କରେ ପୋଲିସ କିଛି କହି ନ ଥିବାବେଳେ ଅଧିକ ତଦନ୍ତ ଜାରି ରହିଥିବା ଜଣାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିଜା



@ ମନୋରଞ୍ଜନ



@ ଟିଙ୍କୁ



@ ବାପୁ



@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରସିଦ୍ଧ ଗଣିଆ ଲଙ୍କାପୋଡ଼ି ଯାତ୍ରା

# ଅଷ୍ଟମ ଦିବସରେ ସୀତା ଠାବ

■ ଗୋରୁ ପଲରେ କ୍ଷୁଦ୍ର ରୂପ ଧରି ଲଙ୍କା ନଗରୀରେ ପ୍ରବେଶ କଲେ ହନୁମାନ

■ ରାବଣ ୨ପୁଅଙ୍କୁ ମାରିଲେ

ଗଣିଆ,୧୫।୪
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଲଙ୍କାପୋଡି ଯାତ୍ରାର ବୁଧବାର ଅଷ୍ଟମ ଦିବସରେ ସୀତାଠାବ ଶୀର୍ଷକ ନାଟକ ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ପରିବେଷିତ ହୋଇଛି। କିଷ୍କିନ୍ଦା ରାଜା ସୁଗ୍ରୀବ ବିଳାସ ବ୍ୟସନରେ ମାତି ଋଷ୍ୟମୁକ ପର୍ବତରେ ଅବସ୍ଥାନ କରୁଥିବା ଶ୍ରୀରାମ ଓ ଲକ୍ଷ୍ମଣଙ୍କ କଥା ସମ୍ପୂର୍ଣ୍ଣ ଭୁଲି ଯାଇଥାନ୍ତି। ବର୍ଷା ଋତୁର ସମାପ୍ତି ପରେ ଶ୍ରୀରାମଙ୍କ ସନ୍ଦେସ ନେଇ ଲକ୍ଷ୍ମଣ ସୁଗ୍ରୀବଙ୍କ ପାଖକୁ କିଷ୍କିନ୍ଦା ରାଜନଅରକୁ ଯାଇଥିଲେ। କିନ୍ତୁ ସୁଗ୍ରୀବ ଲକ୍ଷ୍ମଣଙ୍କୁ ଚିହ୍ନି ନ ପାରିବାରୁ ଲକ୍ଷ୍ମଣ କ୍ଷୁବ୍ଧ ହୋଇ ରାଜନଅରରୁ ଫେରିଆସି ସିଂହଦ୍ୱାର ନିକଟରେ ସୁଗ୍ରୀବଙ୍କ ସିଂହାସନକୁ ବାଣ ନିକ୍ଷେପ କଲେ। ଫଳରେ ସୁଗ୍ରୀବ ସିଂହାସନରୁ ତଳେ ପଡିଯାଇଥିଲେ। ଏହି ସମୟରେ ପାଟରାଣୀ ତାରା ସୁଗ୍ରୀବଙ୍କୁ ପୂର୍ବରୁ ପ୍ରଭୁ ଶ୍ରୀରାମଙ୍କୁ ଦେଇଥିବା କଥା ମନେପକାଇ ଦେବାରୁ ସୁଗ୍ରୀବ ଅନୁତପ୍ତ ହୋଇ ଆସି ଶ୍ରୀରାମଙ୍କୁ କ୍ଷମା ମାଗନ୍ତି। ପରେ ସେ ପୂର୍ବ ଯୋଜନା ଅନୁସାରେ ନିଜର ସମସ୍ତ ସେନାକୁ ସୀତାଙ୍କୁ ଠାବ କରିବା ଲାଗି ଚାରି ଦିଗକୁ ପଠାନ୍ତି ସୁଗ୍ରୀବ। ଲଙ୍କାର ରାବଣ ସୀତାଙ୍କୁ ପୁଷ୍ପକ ବିମାନରେ ଦକ୍ଷିଣ ଦିଗରେ ନେଇଥିବା ନିଶ୍ଚିତ ହୋଇ ସୁଗ୍ରୀବ ନିଜର ଅଷ୍ଟସେନାଙ୍କୁ ଦକ୍ଷିଣ ଦିଗରେ ପ୍ରେରିତ କରନ୍ତି। ଯୁବରାଜ ଅଙ୍ଗଦଙ୍କ ନେତୃତ୍ୱରେ ଜାମ୍ବବାନ, ସୁଶେଣ, ହନୁମାନ, ନଳ, ନୀଳ, ଗବାକ୍ଷ ଓ ଗବୟ ବେଲ ବନରେ ପ୍ରବେଶ କରି ପରେ ସେମାନେ ସମୁଦ୍ର କୁଳରେ ଜଟାୟୁଙ୍କ ଭାଇ ସମ୍ପାତିଙ୍କୁ ଭେଟିଥିଲେ। ପୂର୍ବରୁ ସୂର୍ଯ୍ୟଦେବଙ୍କୁ ଆକ୍ରମଣ କରି ସଂପାତଙ୍କ ଡେଣା ଓ ପର ସବୁ ପୋଡି ଯାଇଥିଲା ତଥାପି ସେ ଅଷ୍ଟସେନାଙ୍କୁ ଦେଖି ସେମାନଙ୍କୁ ଭକ୍ଷଣ କରିବାକୁ ଚେଷ୍ଟା କରିଥିଲା। ଏହା ଦେଖି ଅଷ୍ଟସେନା ଜୟ ଶ୍ରୀରାମ କହି ଶ୍ରୀରାମଙ୍କ ଜୟଜୟକାର କରିଥିଲେ। ଏହି ଜୟଧ୍ୱନି ପ୍ରଭାବରେ ଅଲୌକିକ ଭାବେ ସଂପାତିଙ୍କ ପର ଓ ଡେଣା କିଛି ମାତ୍ରାରେ କଅଁଳିବାକୁ ଲାଗିଲା। ଫଳରେ ସଂପାତିଙ୍କ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଭକ୍ତି ଓ ଆନୁଗତ୍ୟରେ ମୁଣ୍ଡ ନୁଆଁଇ ଅଷ୍ଟସେନାଙ୍କୁ ନିଜର ଡେଣାରେ ବସାଇ ସମ୍ପୂର୍ଣ୍ଣ ଲଙ୍କା ନଗରୀକୁ ପରିଦର୍ଶନ କରାଇ ପୁନଶ୍ଚ ସମୁଦ୍ର କୁଳକୁ ଫେରି ଆସିଥିଲେ। ପରେ ଅଷ୍ଟସେନାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା, କିଏ ସମୁଦ୍ର ପାରହୋଇ ଲଙ୍କାକୁ ଯାଇ ସୀତାଙ୍କୁ ଠାବ କରି ପୁଣି ଫେରିପାରିବ। ଅଷ୍ଟସେନାଙ୍କ ମଧ୍ୟରୁ ହନୁମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଅସମର୍ଥ ବୋଲି କହି ନିଜର ଅସହାୟତା ପ୍ରକାଶ କରିଥିଲେ। ଶେଷରେ ହନୁମାନ ଜୟ ଶ୍ରୀରାମ କହି ଲଙ୍କା ଅଭିମୁଖେ ଯାତ୍ରା କରିଥିଲେ।



ସେଠାରେ ପହଞ୍ଚିଥିଲେ। ହନୁମାନଙ୍କ ଛାଇ ଦେଖି ରାକ୍ଷସୀ ସିଂହିକା ହନୁମାନଙ୍କ ପଥରୋଧ କରିବାରୁ ହନୁମାନ ତାଙ୍କୁ ବଧ କଲେ। ପରେ ଲଙ୍କା ନଗରୀର ଦୁର୍ଭେଦ୍ୟ ପାଚେରି ଭେଦକରିବାକୁ ହନୁମାନ ଗୋରୁପଲ ମଧ୍ୟରେ ନିଜର କ୍ଷୁଦ୍ର ରୂପ ଧାରଣ କରି ଲଙ୍କା ନଗରୀରେ ପ୍ରବେଶ କରିଥିଲେ। ରାତ୍ରିରେ ଲଙ୍କା ନଗରୀରେ ହନୁମାନଙ୍କୁ ଦେଖି ଲଙ୍କଦେବୀ ତାଙ୍କର ବାଟ ଓଗାଳିବାରୁ ହନୁମାନ ଏକ ଶକ୍ତ ଚାପୁଡା ଦେଇଥିଲେ। ଚାପୁଡା ଖାଇ ଲଙ୍କଦେବୀଙ୍କ ମନେ ପଡିଯାଇଥିଲା ଯେ, କୌଣସି ବିଷ୍ଣୁଭକ୍ତଙ୍କ ହାତରୁ ଚାପୁଡା ଖାଇବା ପରେ ଲଙ୍କାର ପତନ ଆରମ୍ଭ ହେବ। ଏହି ସନ୍ଦେଶ ସେ ଲଙ୍କାର ରାବଣଙ୍କୁ ଜଣାଇ ଲଙ୍କଦେବୀ ଲଙ୍କାନଗରୀ ପରିତ୍ୟାଗ କରିଥିଲେ। ହନୁମାନ ସୀତାଙ୍କୁ ଲଙ୍କା ନଗରୀରେ ଖୋଜିଖୋଜି ଅଶୋକ ବନରେ ପହଞ୍ଚି ସୀତାଙ୍କଠାରୁ ଅଳ୍ପ ଦୂରରେ ରହି ରାମଙ୍କ ଗୁଣଗାନ କରିଥିଲେ। ପରେ ହନୁମାନ ସୀତାଙ୍କ ସମ୍ମୁଖକୁ ଆସି ପ୍ରଣିପାତ କରି ଶ୍ରୀରାମଙ୍କ ସଙ୍କେତ ସ୍ୱରୂପ ଶ୍ରୀରାମଙ୍କ ହସ୍ତ ମୁଦ୍ରିକା ତାଙ୍କୁ ପ୍ରଦାନ କରନ୍ତି। ସୀତାଙ୍କୁ ଶ୍ରୀରାମଙ୍କ ସଂପର୍କରେ ସମସ୍ତ ବୃତ୍ତାନ୍ତ ଅବଗତ କରାନ୍ତି। ସୀତାଠାବ କରିଥିବା ପ୍ରମାଣ ସ୍ୱରୂପ ହନୁମାନ ସୀତାଦେବୀଙ୍କ ମଥାମଣିକୁ ଶ୍ରୀରାମଙ୍କୁ ଦେବାକୁ ଆଣନ୍ତି।

ପରେ ଅଶୋକ ବନକୁ ଧ୍ୱସ୍ତବିଧ୍ୱସ୍ତ କରନ୍ତି। ରାବଣର କନିଷ୍ଠପୁତ୍ର ଅକ୍ଷୟ କୁମାର ଏହାର ବିରୋଧ କରିବାରୁ ହନୁମାନ ତାକୁ ୨ଫାଳ କରି ଚିରି ହତ୍ୟା କରନ୍ତି। ପରେ ରାବଣର ବୀରପୁତ୍ର ଇନ୍ଦ୍ରଜିତ ଆସି ହନୁମାନଙ୍କ ଉପରକୁ ନାଗଫାଶ ବାଣ ନିକ୍ଷେପ କରି ବନ୍ଦୀ କରି ରାବଣର ରାଜସଭାକୁ ନିଅନ୍ତି। ସେଠାରେ ହନୁମାନଙ୍କୁ ରାବଣ ଦଣ୍ଡ ସ୍ୱରୂପ ତାଙ୍କ ଲାଙ୍ଗୁଡରେ ନିଆଁ ଲଗାଇ ଦିଅନ୍ତି। ପରେ ହନୁମାନ ବୁଲିବୁଲି ସମସ୍ତ ଲଙ୍କା ନଗରୀକୁ ଅଗ୍ନିରେ ପୋଡି ଛାରଖାର କରି ବ୍ରହ୍ମାଙ୍କ ଆଦେଶରେ ହନୁମାନ ସମୁଦ୍ରରେ ଅଗ୍ନିକୁ ଶାନ୍ତ କରି ଶ୍ରୀରାମଙ୍କ ନିକଟକୁ ଫେରି ଆସିଥିଲେ।

# ଗୋଲଡେନ ଇଗଲ ଚାମ୍ପିୟନ

## ଟିଂକିରିପଡ଼ା ପ୍ରିମିୟର କଲ୍ୟାଣୀ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଭାପୁର,୧୫।୪( ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ଟିଂକିରିପଡା ଗ୍ରାମ ଖେଳପଡିଆରେ ଚାଲିଥିବା ଟିଂକିରିପଡା କଲ୍ୟାଣୀ କ୍ଲବ ପ୍ରିମିୟର ଲାଗୁଏଜ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଗୋଲଡେନ ଇଗଲ ୨୦୨୬ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ଗୋଲଡେନ ଇଗଲ ଓ ଫ୍ଲାଇଙ୍ଗ ଫଲକନ କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ଗୋଲ୍ଡେନ ଇଗଲ ବ୍ୟାଟିଂ କରି ୧୨ ଓଭରରେ ୫ ଉଇକେଟ ହରାଇ ୧୫୯ ରନ କରିଥିଲା। ଜବାବରେ ରାଇଜିଓ ଷ୍ଟାର ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରି ପରାଜିତ ହୋଇଥିଲା। ଗୋଲଡେନ ଇଗଲ ଚଳିତ ବର୍ଷ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ମ୍ୟାନ ଅଫ ମ୍ୟାଚ ଚାମ୍ପିୟନ ଦଳର ସରୋଜ କୁମାର ମହାନ୍ତି ଓ ମ୍ୟାଚ ଅଫ ଦି ସିରିଜ ବାବୁ ମହାନ୍ତି ବିବେଚିତ ହୋଇଥିଲେ। ଏହି ଖେଳକୁ ଲିଟୁ, ସାଗର ଓ ସ୍କୋର ପରିଚାଳନା କରିଥିଲେ । ସହାୟତା କରିଥିଲେ ରାଜୁଆ । ଫାଇନାଲରେ ମୁଖ୍ୟ ଅତିଥି ଭାବରେ ପଞ୍ଚାୟତ ସମିତି ସଭ୍ୟ କାହ୍ନୁଚରଣ ପ୍ରଧାନ,ସମ୍ମାନୀତ ଅତିଥି ସରପଞ୍ଚ ପ୍ରଫୁଲ୍ଲ କୁମାର ଖୋଜି, ପୂର୍ବତନ ସରପଞ୍ଚ ଶାନ୍ତନୁ କୁମାର ଗୋଚ୍ଛି ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଗୋଲଡନ ଇଗଲ ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୭ ହଜାର ଟଙ୍କା ଓ ଫ୍ଲାଇଙ୍ଗ ଫଲକନ ଟିମ୍ ରନର୍ସ ଦଳକୁ ରନର୍ସ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଟିଂକିରିପଡା କଲ୍ୟାଣୀ ପ୍ରିମିୟର ଲାଗୁଏଜ କ୍ରିକେଟ ଟିମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




ଟ୍ରଫି ସହ ବିଜେତା ଦଳ ।

